


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୨ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 22 OCTOBER 2021

Vol.No. 32 ■ No. 268 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶାହାରୁଖ ଖାନଙ୍କ ବାସଭବନ ଏନସିବି ଟିମ୍



ନୂଆଦିଲ୍ଲୀ,୨୧/୧୦: ଶାହାରୁଖଙ୍କ ଘରେ ଏନସିବି ଟିମ୍ । ମନ୍ନତରେ ଲାଗିଲା ନୋଟିସ । ମୁମ୍ବାଇରେ କ୍ରୁଜ ଡ୍ରଗ୍ସ ପାର୍ଟି ଘଟଣାରେ ଦିନ ଗଡିବା ସହ ସାମ୍ନାକୁ ଆସୁଛି ନୂଆ ନୂଆ ଖୁଲାସା । ମାମଲାରେ ଶାହାରୁଖଙ୍କ ପୁଅ ଆରୟନ ଖାନ ଏବେ ଆର୍ଥର ରୋଡ୍ ଜେଲ ହାଜତରେ । ସେପଟେ ଏହି ମାମଲାରେ ଶାହାରୁଖଙ୍କ ପାଇଁ ଅଡୁଆ କମ୍ ହେବାର ନାଁ ଧରୁନି । ଆରୟନଙ୍କ ସମସ୍ତ ଇଲେକଟ୍ରୋନିକ ସରଂଜାମ ଖୋଜୁଛି ଏନସିବି ଟିମ୍ । ଆରୟନଙ୍କ ନିକଟରେ ଥିବା ମୋବାଇଲ ବାଦ୍ ଘରେ ସେ ଅନ୍ୟ କେଉଁ ସବୁ ଇଲେକ୍ଟ୍ରୋନିକ ସଂରଜାମ ବ୍ୟବହାର କରୁଥିଲେ ତାହାକୁ ଖୋଜୁଛି ଏନସିବି ଟିମ୍ । ଏହାକୁ ନେଇ ଶାହାରୁଖ ଖାନ୍‌ଙ୍କ ମୁମ୍ବାଇ ବାସଭବନ ମନ୍ନତରେ ପହଂଚିଛି ଏନସିବି ଟିମ୍ । ଏନସିବିର କିଛି ଅଧିକାରୀ ଗୁରୁବାର ମନ୍ନତରେ ପହଂଚି ନୋଟିସ ଦେଇଛନ୍ତି । ଗୁରୁବାର ଅପରାହ୍ନରେ ଶାହାରୁଖ ଖାନଙ୍କ ଘର ମନ୍ନତରେ ପହଁଚିଥିଲା ଏନସିବି ଟିମ୍ । ଏନସିବି ଟିମକୁ ଦେଖିବା ପରେ ପ୍ରଥମେ ଭିତରକୁ ଯିବାକୁ ଦେଇନଥିଲେ ସିକ୍ୟୁରିଟି ଗାର୍ଡ । ମନ୍ନତ ଭିତରକୁ ଖବର ଯାଇଥିଲା, ଏନସିବି ଅଧିକାରୀ ଆସିଛନ୍ତି ନୋଟିସ୍ ଦେବାକୁ । ଏହି ସମୟରେ ବେଶ୍ କିଛି ସମୟ ଏନସିବି ଅଧିକାରୀଙ୍କୁ ଅଟକାଇଥିଲେ ସୁରକ୍ଷାକର୍ମୀ । କିଛି ସମୟ ପରେ ମନ୍ନତ ଭିତରୁ ଖବର ଆସିଥିଲା, ଆଉ ତା ପରେ ମନ୍ନତ ଭିତରକୁ ଯାଇଥିଲେ ଏନସିବି ଅଧିକାରୀ । ସାଥୀରେ ଥିଲା ନୋଟିସ ଫାଇଲ । ମନ୍ନତରେ ଶାହାରୁଖଙ୍କ ମ୍ୟାନେଜରଙ୍କୁ ଭେଟିଥିଲେ ଏନସିବି ଟିମ୍ । ସାଥୀରେ ନେଇଥିବା ନୋଟିସକୁ ସେହି ମ୍ୟାନେଜରଙ୍କୁ ଦିଆଯାଇଥିଲା । ଶାହାରୁଖଙ୍କ ମ୍ୟାନେଜର ଏନସିବି ଟିମ ଠାରୁ ନୋଟିସ ଗ୍ରହଣ କରିଥିଲେ, ଆଉ ଏନସିବି ଅଧିକାରୀଙ୍କୁ ନୋଟିସ ଗ୍ରହଣ କରିବାର ଦସ୍ତଖତ ବି ଦେଇଥିଲେ । ଏନସିବି ଟିମ ନୋଟିସ ଦେବା ସମୟରେ ଚିତ୍ର ଉତୋଳନରେ ଅନେକ ବାର ବାଧା ଦେବାକୁ ଉଦ୍ୟମ କରୁଥିଲେ ସୁରକ୍ଷାକର୍ମୀ । ଆରୟନ ଖାନ କ୍ରୁଜ ଡ୍ରଗ୍ସ କାଣ୍ଡରେ ଫସିବା ପରେ ମନ୍ନତ ଆସିଛି ଚର୍ଚ୍ଚାକୁ । ଏପରି ସମୟରେ ଏନସିବି ଟିମ୍ ମନ୍ନତରେ ପହଁଚି ପୁଣି ନୋଟିସ ଲଗାଇଛି । ଆଉ ସ୍ପଷ୍ଟ ଭାବରେ ଏହି ନୋଟିସରେ କୁହାଯାଇଛି , ଘରେ ଆରୟନ ଖାନଙ୍କ କୌଣସି ଇଲେକଟ୍ରୋନିକ୍ସ ଉପକରଣ ଥିଲେ, ତାହାକୁ ତୁରନ୍ତ ଏନସିବି ଟିମ ନିକଟରେ ଜିମା ଦିଆଯାଉ । ନୋଟିସ ଦେବା ପରେ ଏନସିବି ଅଧିକାରୀ ମନ୍ନତରୁ ଫେରି ଆସିଥିଲେ । ହେଲେ ଏନସିବିର ଏପରି ନୋଟିସ ପରେ ଆରୟନଙ୍କ ଅଡୁଆ ବଢିବା ପରି ମନେ ହେଉଛି । ପ୍ରଶ୍ନ ଉଠୁଛି କାହିଁକି ଆରୟନଙ୍କ ଇଲେକ୍ଟ୍ରୋନିକ୍ସ ଉପକରଣ ଖୋଜୁଛି ଏନସିବି ? ▶▶ପୃଷ୍ଠା ୭

## ମମିତା ମେହେର ହତ୍ୟା ମାମଲାରେ ପୋଲିସର ଛାନଭିନ୍
## ଗାର୍ଲସ ହଷ୍ଟେଲରେ ପହଞ୍ଚିଲେ ଡିଆଇଜି ଓ ଏସ୍‌ପି



ଧର୍ମଗଡ,୨୧/୧୦ (ନି.ପ୍ର): ସନ୍‌ସାଇନ୍ ସ୍କୁଲ୍‌ର ଗର୍ଲସ୍ ହଷ୍ଟେଲ୍‌ରେ ଉତ୍ତରାଞ୍ଚଳ ଡିଆଜି ଦୀପକ କୁମାର ଓ ବଲାଙ୍ଗିର ଏସ୍‌ପି ନୀତିନ କୁଶଲ୍‌କର ଅଛନ୍ତି । ମହିଳା ପୁଲିସ୍ ସହାୟତାରେ ଗେଟ୍ ତାଲା ଭାଙ୍ଗି ଉଭୟ ହଷ୍ଟେଲ୍ ଭିତରେ ପଶିଛନ୍ତି । ସ୍କୁଲ ଅଧକ୍ଷା ମମିତା ମେହେର ରହୁଥିବା ରୁମ୍‌ରେ ଖାନତଲାସୀ କରିଛନ୍ତି । ତେବେ ଚର୍ଚ୍ଚାରେ ଥିବା ସିକ୍ରେଟ୍ ରୁମ୍‌କୁ ଡିଆଜି ଦୀପକ କୁମାର ଓ ଏସ୍‌ପି ନୀତିନ କୁଶଲ୍‌କର ଯାଇଛନ୍ତି କି ନାହିଁ ଜଣାପଡ଼ିନି । ଆଜି ସକାଳେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର ଓ ବଲାଙ୍ଗିର ଏସ୍‌ପି ନୀତିନ କୁଶଲକର ସାଇଣ୍ଟିଫିକ୍ ଟିମ୍ ସହ ମହାଲିଙ୍ଗ ଗାଁରେ ପହଞ୍ଚି ଥିଲେ । ଯେଉଁଠାରେ ମମିତାଙ୍କୁ ପୋତା ଯାଇଥିଲା, ସେଠାରେ ଖୋଳାଖୋଳି କରିଥିଲେ । ଦରପୋଡ଼ା ମୃତଦେହ ପୋତା ଯାଇଥିବା ଗାତରୁ ମୋବାଇଲ୍ ଭଳିଆ ଏକ ଜିନିଷ ଉଦ୍ଧାର କରାଯାଇଛି । ଯାହା ମମିତାଙ୍କ ମୋବାଇଲ୍ ବୋଲି ଆଶଙ୍କା କରାଯାଉଛି । ପରେ ଉକ୍ତ ପଡ଼ିଆକୁ ସିଲ୍ କରି ଦିଆଯାଇଛି । ସୁରକ୍ଷା ଦୃଷ୍ଟିରେ ସେଠାରେ ଏକ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । ପରେ ଡିଆଇଜି ଓ ଏସ୍‌ପି ସନ୍‌ସାଇନ୍ ପବ୍ଲିକ ସ୍କୁଲକୁ ଯାଇଥିଲେ । ଦୀର୍ଘ ସମୟ ଧରି ସେଠାରେ ଯାଞ୍ଚ କରିଥିଲେ । ଏହା ପରେ ମହିଳା ପୁଲିସ ସହାୟତାରେ ▶▶ପୃଷ୍ଠା ୭

## ପ୍ରଶାନ୍ତ ଜଗଦେବଙ୍କୁ ଜାମିନ୍

ଭୁବନେଶ୍ୱର,୨୧/୧୦ (ନି.ପ୍ର): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ମିଳିଛି ଜାମିନ୍ । ବାଲୁଗାଁ ବିଜେପି ମଣ୍ଡଳ ସଭାପତିଙ୍କୁ ମାଡ଼ ମାରିବା ଘଟଣାରେ ଜେଲ୍ ଯାଇଥିବା ପ୍ରଶାନ୍ତଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ହାଇକୋର୍ଟ । ସାକ୍ଷୀଙ୍କୁ ପ୍ରଭାବିତ ନ କରିବାକୁ ସର୍ତ ରଖି ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି ।

## ଦେଶ ରଚିଲା ଇତିହାସ, ଦେଶରେ ଶହେ କୋଟି ଟୀକା ଲାଗିଲା

ନୂଆଦିଲ୍ଲୀ,୨୧/୧୦ (ନି.ପ୍ର): କରୋନା ବିରୁଦ୍ଧରେ ଲଢେଇରେ ଟୀକାକରଣ ଏକ ପ୍ରଭାବୀ ଅସ୍ତ୍ର ହୋଇଥିବା ବେଳେ ଭାରତ ଏଥିରେ ଇତିହାସ ରଚିଛି । ଟୀକାକରଣ ଅଭିଯାନରେ ଭାରତ ଶହେ କୋଟି ସଂଖ୍ୟା ପାର କରିଛି । ଗୁରୁବାର ସକାଳୁ ଶହେ କୋଟି ଟୀକାକରଣ ହେବାର ଅବଗଣନା ଆରମ୍ଭ ହୋଇଯାଇଥିଲା । ପାଖାପାଖି ୯.୪୫ରେ ଦେଶରେ ଶହେ କୋଟି ଟୀକାକରଣ ହୋଇ ଯାଇଥିଲା । ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ମସିହା ଜାନୁଆରୀ ୧୬ ତାରିଖ ଦିନ ଦେଶରେ ଟୀକାକରଣ ଅଭିଯାନ ଆରମ୍ଭ କରିଥିଲେ ।

## ନଭେମ୍ବର ୨୨ରୁ ନବମ ଶ୍ରେଣୀ ସମ୍ମେଟିଭ୍ ଆସେସମେଂଟ ପରୀକ୍ଷା

ଭୁବନେଶ୍ୱର,୨୧/୧୦ (ନି.ପ୍ର): ଆସନ୍ତା ନଭେମ୍ବର ୨୨ ତାରିଖରୁ ନବମ ଶ୍ରେଣୀ ସମ୍ମେଟିଭ୍ ଆସେସମେଂଟ ପରୀକ୍ଷା ଆରମ୍ଭ ହେବ । ୨୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ । ଦୁଇଟି ସିଟିଂରେ ପରୀକ୍ଷା ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୋର୍ଡର ଅଧକ୍ଷ ରାମାଶିଷ ହାଜରା ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ୨୨ ତାରିଖରେ ପ୍ରଥମ ସିଟିଂରେ ଦ୍ୱିତୀୟ ଭାଷା, ▶▶ପୃଷ୍ଠା ୭

## ବନ୍ୟା ଛାଡିଲା ହେଲେ ବଢିଲା ଦୁର୍ଦ୍ଦଶା



ଉତ୍ତରାଖଣ୍ଡ,୨୧/୧୦(ନି.ପ୍ର): ବର୍ଷା, ବନ୍ୟା ଓ ଭୂସ୍ଖଳନ ପରେ ଏବେ ବିଗିଡି ଯାଇଛି ଉତ୍ତରାଖଣ୍ଡର ସ୍ଥିତି । ବନ୍ୟାପାଣି ଛାଡିଛି, ହେଲେ ବଢି ଯାଇଛି ଲୋକଙ୍କ ଦୁର୍ଦ୍ଦଶା । ରାଜ୍ୟର ଏଭଳି ସ୍ଥିତି ଭିତରେ କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହ ଉତରାଖଣ୍ଡ ଗସ୍ତ କରି ଆକାଶମାର୍ଗରୁ ସ୍ଥିତି ପରଖିଛନ୍ତି । ରାଜ୍ୟରେ ହୋଇଥିବା ବାଦଲଫଟା ବର୍ଷା ଓ ଭୂସ୍ଖଳନ ଯୋଗୁଁ ମୃତ୍ୟୁ ସଂଖ୍ୟା ୬୪ ରେ ପହଂଚିଛି । ଉତରାଖଣ୍ଡ ରେ ବନ୍ୟା ଛାଡିଚି । ହେଲେ ବଢିଯାଇଛି ଲୋକଙ୍କ ଦୁର୍ଦ୍ଦଶା । ବନ୍ୟା ପାଣି ଛାଡିବା ପରେ ଲୋକଙ୍କ ଘର ଦ୍ୱାର ସବୁ ନଷ୍ଟ ହୋଇଯାଇଛି । ସେପଟେ ଭୂସ୍ଖଳନ ପାଇଁ ଅନେକ ସ୍ଥାନରେ ମାଟିରେ ମିଶି ଯାଇଛି ଘର । ଏବେ ବି ଅନେକ ସ୍ଥାନରେ ଫସିରହିଛନ୍ତି ଲୋକ । ବାୟୁସେନା ଓ ଏନଡିଆରଏଫ ପକ୍ଷରୁ ଜାରି ରହିଛି ଉଦ୍ଧାର କାର୍ଯ୍ୟ । ରାଜ୍ୟରେ ବାଦଲ ଫଟା ବର୍ଷା ପାଇଁ ବନ୍ୟା ଆସିବା ସହ ଅନେକ ସ୍ଥାନରେ ଭୂସ୍ଖଳନ ମଧ ହୋଇଥିଲା । ପ୍ରକୃତିର ଏହି ତାଣ୍ଡବ ପାଇଁ ବର୍ତମାନ ସୁଦ୍ଧା ୬୪ ରୁ ଅଧିକ ଜୀବନ ଗଲାଣି । ସେହପରି ୧୧ ରୁ ଅଧିକ ଲୋକ ଏବେ ମଧ ନିଖୋଜ ରହିଥିବା ସୂଚନା ମିଳିଛି । ସେପଟେ ଉତରାଖଣ୍ଡର ସ୍ଥିତି ଦେଖିବା ପାଇଁ ରାଜ୍ୟରେ ପହଁଚିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ସହ ଆକାଶମାର୍ଗରୁ ▶▶ପୃଷ୍ଠା ୭

## ଫିଲ୍ମ ଅଭିନେତା ଶାହାରୁଖ ଖାନ୍ ସାକ୍ଷାତ କଲେ ପୁଅ ଆର୍ଯ୍ୟନ୍ ସହ

ମୁମ୍ବାଇ,୨୧/୧୦ (ନି.ପ୍ର): ଫିଲ୍ମ ଅଭିନେତା ଶାହାରୁଖ ଖାନ୍ ଗୁରୁବାର ଦିନ ସକାଳ ଆର୍ଥର ରୋଡ୍ ଜେଲ୍‌ରେ ଯାଇ ପୁଅ ଆର୍ଯ୍ୟନ ଖାନ୍ ସହିତ ସାକ୍ଷାତ କରିଛନ୍ତି ଏବଂ ୧୮ ମିନିଟ୍ ପର୍ଯ୍ୟନ୍ତ ଆଲୋଚନା କରିଥିଲେ । ଏହି ସମୟରେ ବାପା-ପୁଅରେ ହୋଇଥିବା ସାକ୍ଷାତ ଗଣମାଧ୍ୟମକୁ ସୂଚନା ଦିଆଯାଇ ନାହିଁ । ସୂଚନା ଅନୁଯାୟୀ ଶାହରୁଖ ଖାନ୍ ଆଜି ସକାଳ ପ୍ରାୟ ୯ଟାରେ ଆର୍ଥର ରୋଡ୍ ଜେଲ୍ ପହଂଚିଥିଲେ । ଏହାପରେ ତାଙ୍କୁ ଜେଲ୍ ମଧ୍ୟକୁ ପ୍ରବେଶ କରାଯାଇଥିଲା । ଆର୍ଯ୍ୟନ ଖାନ୍‌ଙ୍କ ସହ ସାକ୍ଷାତ କରିବା ପରେ ଶାହାରୁଖ ଖାନ୍ ଗଣମାଧ୍ୟମ ସହ କୌଣସି କଥା ନକହି ଘରକୁ ଫେରିଯାଇଥିଲେ । କରୋନା କାରଣରୁ ଜେଲ୍‌ରେ କୟଦିମାନଙ୍କୁ ସେମାନଙ୍କ ସମ୍ପର୍କୀୟଙ୍କ ସହ ସାକ୍ଷାତ କରିବାରେ ବାରଣ ଥିଲା । ରାଜ୍ୟ ସରକାର ମୁମ୍ବାଇରେ କରୋନା ସଂକ୍ରମିତଙ୍କ ସଂଖ୍ୟା କମିବା କାରଣରୁ କୟଦିମାନଙ୍କ ସମ୍ପର୍କୀୟଙ୍କ ସହ ସାକ୍ଷାତ କରିବାର ଜାରି କରିଥିଲେ । ଏଥିପାଇଁ ଶାହାରୁଖ ଖାନ ସାଧାରଣ ଲୋକଙ୍କ ପରି ଜେଲ୍‌କୁ ଯାଇ ପୁଅ ଆର୍ଯ୍ୟନ ସହିତ ସାକ୍ଷାତ କରିଥିଲେ ।

## ଶହେ କୋଟି ଟିକା କ୍ଲବରେ ଏଣ୍ଟ୍ରି କଲା ଭାରତ : ମୋଦି କହିଲେ ଐତିହାସିକ ଦିନ



ନୂଆଦିଲ୍ଲୀ,୨୧/୧୦: ଶହେ କୋଟି ଟିକା କ୍ଲବରେ ଏଣ୍ଟ୍ରି କରିଛି ଭାରତ । ଗୁରୁବାର କୋଭିଡ୍ ଦୈନିକ କେସ୍ ୧୮,୪୫୪କୁ ବୃଦ୍ଧି ପାଇଥିବା ବେଳେ ଟିକାକରଣ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ଛୁଇଁଛି ଭାରତ । କୋଭିଡ୍ ଟିକା ପ୍ରଦାନରଗତ ଜୁନ୍ ମାସରେ ଏକ ବିଲିୟନ ଡୋଜ୍ ମାର୍କ ଛୁଇଁଥିଲା ଚୀନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାମ ମନୋହର ଲୋହିଆ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରଖାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଟିକାକରଣ କ୍ଷେତ୍ରରେ ଭାରତ ପାଇଁ ଐତିହାସିକ ଦିନ ବୋଲି ମୋଦି ଟ୍ୱିଟ୍ କରିଛନ୍ତି । ମୋଦି କହିଛନ୍ତି ଯେ, ଭାରତୀୟ ବିଜ୍ଞାନ ପାଇଁ ଆଜି ହେଉଛି ଏକ ବିଜୟର ଦିନ । ୧୦୦ କୋଟି ଟିକାକରଣ ଅତିକ୍ରମ କରିଥିବାରୁ ମୁଁ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ମୋଦି କହିଛନ୍ତି । ଆମର ଡାକ୍ତର, ନର୍ସ ଏବଂ ଯେଉଁମାନେ ଏହି କାର୍ଯ୍ୟର ସଫଳ ରୂପାୟନ କରିଛନ୍ତି ମୁଁ ସେମାନଙ୍କୁ କୃତଜ୍ଞତା ଜଣାଉଛି ବୋଲି ମୋଦି କହିଛନ୍ତି । ଟିକାକାକରଣର ପରିଚାଳନାରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଗୁଜରାଟ ଏବଂ ମଧ୍ୟପ୍ରଦେଶର ▶▶ପୃଷ୍ଠା ୭

## କେଗାଁ ଥାନା ଆଇଆଇସି ନିଲମ୍ବିତ

ଭୁବନେଶ୍ୱର,୨୧/୧୦(ନି.ପ୍ର): ମମିତା ମେହେର ହତ୍ୟା ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ । କଣ୍ଟାବାଞ୍ଜି କେଗାଁ ଥାନା ଆଇଆଇସି ଡମ୍ବୁ ପରଜା ନିଲମ୍ବିତ । ଆଇଆଇସିଙ୍କୁ ନିଲମ୍ବିତ କଲେ ଉତ୍ତରାଞ୍ଚଳ ଡିଆଇଜି । କାର୍ଯ୍ୟରେ ଅବହେଳା ପାଇଁ ଆଇଆଇସିଙ୍କୁ ନିଲମ୍ବନ କଲେ ଉତ୍ତରାଞ୍ଚଳ ଡିଆଇଜି । ଏହି ପୋଲିସ ବାବୁଙ୍କ ବିରୋଧରେ ଆସିଥିଲା ସାଂଘାତିକ ଅଭିଯୋଗ । ଗତ ୮ ତାରିଖରେ ମମିତାଙ୍କ ନିଖୋଜ ପରେ ପରିବାର ଲୋକେ ଯେତେବେଳେ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ସେତେବେଳେ ଥାନା ଅଧିକାରୀ ଡମ୍ବୁ ପରଜା ମମିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ରଖିନଥିଲେ । ଅଭିଯୋଗ ନରଖି ଓଲଟି ପରିବାରକୁ ଫେରାଇ ଦେଇଥିଲେ ଆଇଆଇସି । ସୂଚନା ଅନୁସାରେ ଗତ ୮ ତାରିଖରେ ମମିତା ମେହେର ଯେତେବେଳେ ନିଖୋଜ ହୋଇଗଲେ, ତାଙ୍କ ପରିବାରର ଏତଲା ଦେବା ନାଇଁ କେଗାଁ ଥାନାକୁ ଯାଇଥିଲେ । କିନ୍ତୁ ଆଇଆଇସି ଡମ୍ବୁ ପରିଜା ମମିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ରଖି ନଥିଲେ । ଫଳରେ ପରିବାର ଲୋକଙ୍କୁ ହତାଶ ହୋଇ ଫେରିବାକୁ ପଡ଼ିଥିଲା । ତେବେ ମମିତାଙ୍କ ମୃତଦେହ ଅକ୍ଟୋବର ୧୯ ତାରିଖରେ ମୃତଦେହ ଠାବ ହେବା ପରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ମେହେର ଓ ତା'ର ସହଯୋଗୀ ତଥା ଡ୍ରାଇଭର ରାଧେଶ୍ୟାମ୍ ଚଣ୍ଡି ଗିରଫ ହେବା ପରେ ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଛି । ଏହି ତଦନ୍ତ ସମୟରେ କେଗାଁ ଥାନା ଆଇଆଇସି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି ।

## ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି
### ୨୬ ସୁଦ୍ଧା ସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ ତାଲିକା ପଠାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



ଭୁବନେଶ୍ୱର,୨୧/୧୦ (ନି.ପ୍ର): ଜିଲ୍ଲାପାଳମାନେ ସଂପୃକ୍ତ ଜିଲ୍ଲାର ପଂଚାୟତ ନିର୍ବାଚନ ପାଇଁ ୱାର୍ଡ ପରିସୀମା ନିର୍ଦ୍ଧାରଣ ଓ ପଦ ସଂରକ୍ଷଣ କାର୍ଯ୍ୟ ସମାପ୍ତ କରି ତାହାର ତାଲିକା ଅକ୍ଟୋବର ୨୬ ତାରିଖ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ସମସ୍ତ ଜିଲ୍ଲାପାଳଙ୍କୁ ପଦ ସଂରକ୍ଷଣ ତଥ୍ୟ ନିର୍ଦ୍ଧାରିତ ପ୍ରୋଫର୍ମାରେ ସ୍ୱତନ୍ତ୍ର ବାର୍ତାବହ ଜରିଆରେ ଏହି ତାଲିକା ନିର୍ବାଚନ କମିଶନଙ୍କୁ ପଠାଇବାକୁ କୁହାଯାଇଛି । ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ, ଆଗାମୀ ଦିନରେ ହେବାକୁ ଥିବା ପଂଚାୟତ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡ଼ିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଗୁରୁବାର ଆଲୋଚନା କରିଥିଲେ । ପଂଚାୟତ ନିର୍ବାଚନରେ ପ୍ରତ୍ୟେକ ଜିଲ୍ଲାରେ କେତେ କେତେ ବାଲାଟ୍ ବକ୍ସ ଦରକାର ହେବ, ଜିଲ୍ଲାସ୍ତରରେ କେତେ ବାଲାଟ୍ ବକ୍ସ ଅଛି, ସେ ସଂପର୍କରେ କମିଶନ ଜାଣିବାକୁ ଚାହିଁଥିଲେ । ପଂଚାୟତ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ବାଲାଟ୍ ▶▶ପୃଷ୍ଠା ୭


ସାଦର ନିମନ୍ତ୍ରଣ.......



ସୈରିନ୍ଧ୍ରୀ ସାହୁଙ୍କ ଲିଖିତ ଗଳ୍ପ ପୁସ୍ତକ

ରଫ୍‌ଖାତାର ଚିତ୍ର

ପାଠକାର୍ପଣ



ମହାଶୟ/ ମହାଶୟା,

'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା **ସୈରିନ୍ଧ୍ରୀ ସାହୁଙ୍କ** ସଦ୍ୟ ପ୍ରକାଶିତ ଗଳ୍ପ ସଂକଳନ **'ରଫ୍‌ଖାତାର ଚିତ୍ର'**ର ଶୁଭ ଉନ୍ମୋଚନ ଆସନ୍ତା **ତା ୨୪/୧୦/୨୦୨୧ରିଖ ରବିବାର ଅପରାହ୍ନ ୪ ଘଟିକା** ସମୟରେ ବାଲେଶ୍ୱର ବି.ସି ସେନ୍ ରୋଡ ସ୍ଥିତ **ହୋଟେଲ ଫାଣ୍ଟାସି** ସଭାଗୃହ (ମିଶନ ପଡ଼ିଆ ସାମନା)ରେ ଅନୁଷ୍ଠିତ ହେବ ।

ଉକ୍ତ ଉତ୍ସବର ଅତିଥି -

- ବିଶିଷ୍ଟ କବି ଓ କଥାକାର **ଅଧାପକ ବିଶ୍ୱରଞ୍ଜନ**
- ବିଶିଷ୍ଟ କବି **ଶ୍ରୀ ଅରୁଣ କୁମାର ସାହୁ**
- ବିଶିଷ୍ଟ କଥାକାର ଓ କବି **ଡ. ଅଜୟ ସ୍ୱାଇଁ**
- ବିଶିଷ୍ଟ କବି ତଥା ସଂଳାପ ଲେଖକ **ଡ. ରଜନୀ ରଂଜନ**
- ବିଶିଷ୍ଟ କଥାକାର **ପୁଷ୍ପାଞ୍ଜଳି ନାୟକ**
- ସଂପାଦିକା 'ରେବତୀ' **ଶ୍ରୀମତୀ ସୁବାସିନୀ ଜେନା**
- ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ତଥା ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ **ଶ୍ରୀ କାଳୀପଦ ପଣ୍ଡା**

ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗଦେବା ନିମନ୍ତେ ଆପଣଙ୍କୁ ମୋର ସଶ୍ରଦ୍ଧ ନିମନ୍ତ୍ରଣ ।

ଆପଣଙ୍କର

ସୃଷ୍ଟିଧର ପରିଡ଼ା

ପରିଚାଳନା ସଂପାଦକ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକା

# ମମିତା ମେହେରଙ୍କ ହତ୍ୟା ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଲା ଭଦ୍ରକ ଯୁବମୋର୍ଚ୍ଚା

ଭଦ୍ରକ,୨୧/୧୦ (ନି.ପ୍ର): ବହୁ ଚର୍ଚ୍ଚିତ ମହାଲିଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷା ମମିତା ମେହେରଙ୍କର ଅପହରଣ ହତ୍ୟା ପ୍ରତିବାଦରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା, ଭଦ୍ରକ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ହେବା ସହ ହତ୍ୟା, ଧର୍ଷଣ ଘଟଣାର ସଂପୃକ୍ତ ଥିବା ଓଡିଶାର ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କର ଇସ୍ତଫା ଦାବି ସହିତ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛି । ଓଡିଶାରେ ଦିନକୁ ଦିନ ବଢ଼ିଚାଲିଥିବା ନାରୀ ନିର୍ଯ୍ୟାତନା, ଅପହରଣ, ଧର୍ଷଣ ଓ ହତ୍ୟା ଘଟଣାକୁ ଯୁବମୋର୍ଚ୍ଚା ତୀବ୍ର ନିନ୍ଦା କରିଛି । ଶହ ଶହ ସଂଖ୍ୟାର ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସହରର ଗାନ୍ଧୀ ପଡିଆରୁ ବିଶାଳ ଶୋଭାଯାତ୍ରାରେ ଆସି ଟାଉନହଲ ଛକ ନିକଟରେ ଏକ ପଥପ୍ରାନ୍ତ ସଭା ହେବା ସହ ବିଭିନ୍ନ ସ୍ଲୋଗାନ ମମିତା ମେହେରଙ୍କୁ ନ୍ୟାୟ ମିଳୁ, ଶିକ୍ଷାଳୟକୁ ବେଶ୍ୟାଳୟ କରୁଥିବା ବିଜେଡି ସରକାର ମୁର୍ଦ୍ଦାବାଦ, ନାରୀ ଧର୍ଷଣର ସୀମା ଅତିକ୍ରମ କରିଥିବା ଓଡିଶାର ବିଜେଡି ସରକାର ଗାଦିଛାଡି ଆଦି ନାରା ସହିତ ମହାଲିଙ୍ଗ ହତ୍ୟା ଘଟଣାର ସିଧାସଳଖ ସଂପୃକ୍ତି ପାଇଁ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା । ମନ୍ତ୍ରୀ ଇସ୍ତଫା ଦେବା ସହ ଗିରଫ ନହେବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ସୂର୍ଯ୍ୟବଂଶୀ ସ୍ୱରଜ ଓଡିଶା ସରକାରଙ୍କୁ ଚେତାବନୀ ଦେଇଥିଲେ । ନାରୀକୁ ଅସମ୍ମାନ, ନାରୀ ହତ୍ୟାକାରୀ ବିଜେଡି ସରକାରର ଅସଲ ଚେହେରା ଗାଁ ଗାଁ ପର୍ଯ୍ୟନ୍ତ ନିଆଯିବ ବୋଲି ଯୁବ ମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ସୁରେଶ ସାମଲ କହିଥିଲେ । ଏହି ଶୋଭାଯାତ୍ରାରେ ବିଜେପିର ବରିଷ୍ଠ ନେତା ଶରତ ପଡ଼ିଆରୀ, ତପନ ମହାନ୍ତି, ଭଗବାନ ପଣ୍ଡା, ଦେବାଂଶୁ ରାଉତ, ସରୋଜ ରାଉତ, ମିଳନ ବଳ, ଦେବବ୍ରତ ଦାସ, ମୋକେଶ ବାରିକ, ସୁଧିର ଦ୍ୱିବଦୀ, କାହ୍ନା ଖୁଣ୍ଟିଆ, ଚନ୍ଦନ ରାଉତ, ରଜତ ଲେଙ୍କା, ଶୁଭଙ୍କର ନାୟକ, ଗୌରାଙ୍ଗ ନାୟକ, ଚନ୍ଦନ ଦାସ, ବିଜୟ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ ।




# ଖଣିଜ ପାଣ୍ଠିର ହରିଲୁଟ୍ ନେଇ ସିଏଜି ତଦନ୍ତ ଦାବି କରିବାକୁ ଜିଲ୍ଲାରୁ ବିଧାୟକ ସାଂସଦଙ୍କୁ ପୋଷ୍ଟକାର୍ଡ ଚିଠି

ରାଉରକେଲା,୨୧/୧୦ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଖଣିଜ ପାଣ୍ଠିର ହରିଲୁଟ୍ ହେଉଥିବା ନେଇ ଜିଲ୍ଲାର ସଚେତନ ନାଗରିକ ମାନେ ଅଭିଯୋଗ କରିବା ସହ ଏହାର ତଥ୍ୟ ମଧ ଦେଲେ, ହେଲେ ଏଯାଏ ଜିଲ୍ଲାର ସାଂସଦ, ବିଧାୟକ ମାନେ ନିରବ ରହିଥିବାରୁ ଜିଲ୍ଲାର ବଭିନ୍ନ ଅଂଚଳରୁ ଛାତ୍ର ଛାତ୍ରୀ ଯୁବକ ଯୁବତୀ ତଥା ସଚେତନ ନାଗରିକ ମାନେ ଲୋକ ପ୍ରତିନିଧି ମାନଙ୍କୁ ଏନେଇ ସିଏଜି ତଦନ୍ତ ଦାବି କରିବାକୁ ଅନୁରୋଧ କରିଥିବା ଜଣାପଡିଛି । ଏମାନେ ପ୍ରତିଦିନ ପୋଷ୍ଟକାର୍ଡରେ ଏହି ଅନୁରୋଧ କରିଚାଲିଥିବା ଖବର ମିଳିଛି । ଜିଲ୍ଲା ଖଣିଜ ପାଣ୍ଠିରେ ଥିବା ଅର୍ଥ କେବଳ ଖଣି ପ୍ରଭାବିତ ଅଂଚଳରେ ଖର୍ଚ୍ଚ ହୋଇପାରିବ ବୋଲି ନିୟମ ରହିଛି, ମାତ୍ର ଜିଲ୍ଲା ମୁଖିଆ ତଥା ଏହାର ଅଧ୍ୟକ୍ଷ ମନଇଚ୍ଛା ବିଭିନ୍ନ ଯାଗାରେ ଏହି ଅର୍ଥ ଖର୍ଚ୍ଚ କରୁଛନ୍ତି । ଏପରିକି ଏହି ଅର୍ଥ ବର୍ତମାନ ଠିକାଦାର ପୋଷିବା ଲାଗି ରହିଥିବା କୁହାଯାଉଛି । କୋଇଡା ହେଉ କିମ୍ବା ସୁନ୍ଦରଗଡ଼, ସେସବୁ ପ୍ରଭାବିତ ଅଂଚଳରେ ଲୋକେ ଖାଇବାକୁ ପାଉନଥିବା ବେଳେ କାମ ନପାଇ ଲୋକେ ଦାଦନ ଖଟିବାକୁ ଚାଲିଯାଉଛନ୍ତି । ଛୋଟ କଁଅଳା ଶିଶୁ ପୃଷ୍ଟିକର ଖାଦ୍ୟ ନପାଇ ମୃତ୍ୟୁବରଣ କରୁଛି, ବିବାହ ଯୋଗ୍ୟ ବଢିଲା ଝିଅ ଦଲାଲ ମାନଙ୍କ ଦ୍ୱାରା ଶୋଷଣର ଶୀକାର ହୋଇ ବାହାର ରାଜ୍ୟକୁ ଚାଲାଣ ହେଉଛି । ରାସ୍ତା ଘାଟ, ଗମନା ଗମନ, ଶିକ୍ଷା ସ୍ୱାସ୍ଥ୍ୟ ଅବସ୍ଥା ନକହିବା ଭଲ, କିନ୍ତୁ ଖଣି ଲାଗି ନିଜର ସର୍ବସ୍ୱ ହରାଇଥିବା ଲୋକେ ଏହି ଅର୍ଥରୁ ପଇସା ଟିଏ ହେଲେ ସୁଫଳ ପାଇପାରୁନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ଏହି ଅର୍ଥକୁ ସୁପରିଚାଳନା ଲାଗି ଯେଉଁ କମିଟୀ ରହିଛି ସେଥିରେ ଜିଲ୍ଲାର ବିଧାୟକ, ସାଂସଦ, ଜିଲ୍ଲା ପରିଷଦ ମାନେ ସଭ୍ୟ ରହିଛନ୍ତି । ନିକଟରେ ଜଣେ ଜିଲ୍ଲା ପରିଷଦ ସଭ୍ୟା ଏନେଇ ମୁହଁ ଖୋଲିଥିବା ବେଳେ ବିଧାୟକ ସାଂସଦ ମାନେ କେଉଁ ମହତ୍ ଲକ୍ଷ୍ୟରେ ମୁହଁକୁ ତାଲା ପକାଇ ରଖିଛନ୍ତି ତାହା ବର୍ତମାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଏହାର ସିଏଜି ତଦନ୍ତ ତୁରନ୍ତ କରାଯାଉ ନଚେତ୍ ଏହାର ଜବାବ ଲୋକେ ପଚାଂୟତ ନିର୍ବାଚନରେ ରଖିବେ ବୋଲି ଚେତାବନୀ ଆସିବାରେ ଲାଗିଛି ।

## ଟଙ୍କା ମାଗିବାରୁ ଛୁରୀ ଭୂଷି ହତ୍ୟା

ଖୋର୍ଦ୍ଧା,୨୧/୧୦ (ନି.ପ୍ର): ଧାର ଟଙ୍କା ମାଗିବାରୁ ଜଣେ ଯୁବକ ନିଜର ସହକର୍ମୀକୁ ଛୁରା ଭୂଷି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ତେବେ ହତ୍ୟାର ଶିକାର ହୋଇଥିବା ଯୁବକ ଜଣକ ହେଲେ ଖୋର୍ଦ୍ଧା ପୌରାଂଚଳ ସ୍ପିନିଂ ମିଲ୍ ଲେବର କଲୋନୀର ରଶ୍ମିରଞ୍ଜନ ପାଟଯୋଶୀ(୨୨) । ସୂଚନା ମୁତାବକ ରଶ୍ମି ଓ ମୁନା ଉଭୟ ଏକ ଘରୋଇ କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି । ତେବେ କାର୍ଯ୍ୟ କରିବା ସମୟରେ ରଶ୍ମି ଠାରୁ ମୁନା ଟଙ୍କା ଧାର ସୂତ୍ରରେ ନେଇଥିଲେ । ରଶ୍ମି ମୁନାକୁ ଧାର ଟଙ୍କା ମାଗିବାରୁ ମୁନା ଏକ ଧାରୁଆ ଅସ୍ତ୍ରରେ ରଶ୍ମିକୁ ଆକ୍ରମଣ କରିଥିଲା । ଫଳରେ ରଶ୍ମି ମୃତ୍ୟୁବରଣ କରିଥିଲେ । ଏନେଇ ରଶ୍ମିର ବାପା ସନ୍ତୋଷ ପାଟଯୋଶୀ ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଥିଲେ । ତେବେ ସନ୍ତୋଷଙ୍କ ଅଭିଯୋଗକୁ ଆଧାର କରି ପୋଲିସ୍ କେସ୍ ନଂ ୪୧୯/୨୧ ଦଫା ୩୦୨ରେ ଏକ ମାମଲା ରୁଜ୍ଜୁକରି ଅଭିଯୁକ୍ତ ମୁନାକୁ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି ।

# ରିଲିଫ୍ ଟିମ୍ ପକ୍ଷରୁ ହରିଚନ୍ଦନପୁର ଅଂଚଳରେ କୋଭିଡ୍ ସହାୟତା ପ୍ରଦାନ

ହରିଚନ୍ଦନପୁର,୨୧/୧୦ (ନି.ପ୍ର): ଜନସ୍ୱାସ୍ଥ୍ୟ ଉତ୍ସ ସମାଜ ତତ୍ୱାବଧାନରେ ଭାରତ ଜ୍ଞାନ ବିଜ୍ଞାନ ସମିତି ଓ ଏମ୍ ଆଇ୍ ରିଲିଫ୍ ଟିମ୍ ପକ୍ଷରୁ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକର ତିନୋଟି ସ୍ଥାନରେ କୋଭିଡ୍ ସହାୟତା ପ୍ରଦାନ କରାଯାଇଛି । ସୂଚନା ଅନଯାୟୀ ବ୍ଲକର ପିଟାପିଟି ଗ୍ରାମ ପଂଚାୟତର କୁଆଝରଣ ଗ୍ରାମ, ବୁଢ଼ାଖମଣ ପଂଚାୟତର ନଡାମ୍ ଓ ପିଠାଗୋଳା ପଂଚାୟତର ମରାଗୋଳା ଗ୍ରାମର ସମସ୍ତ ପରିବାରଙ୍କୁ ରାସନ୍ ସାମଗ୍ରୀ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ, ଏକାକିନୀ ମହିଳା, ଅସହାୟ ବୃଦ୍ଧ ଓ ବୃଦ୍ଧା ସମେତ ସମସ୍ତ ପରିବାରଙ୍କୁ କୋଭିଡ୍ ସହାୟତା ପ୍ରଦାନ କରାଯାଇଥିଲା । ଏହି ବଂଟନ କାର୍ଯ୍ୟକ୍ରମରେ ପରିବାର ପିଛା ପ୍ରତ୍ୟେକ ପ୍ୟାକେଟରେ ଡାଲି, ଚାଉଳ, ତେଲ, ଚୁଡ଼ା, ଚିନି, ଆଳୁ, ବିସ୍କୁଟ, ସାବୁନ ସହିତ ଅନ୍ୟାନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀମାନ ରହିଛି । ଏହାଛଡ଼ା ଏହି ରାସନ୍ ସାମଗ୍ରୀ ପ୍ୟାକେଟ୍ ସହ ପ୍ରତ୍ୟେକ ପରିବାରକୁ କରୋନା ସୁରକ୍ଷା କିଟ୍ ଯଥା ମାସ୍କ, ସାନିଟାଇଜର୍ ଓ ସାବୁନ୍ ଦିଆଯାଇ କରୋନା ସଚେତନ ମଧ କରାଯାଇଛି । କାର୍ଯ୍ୟକ୍ରମରେ ଭାରତ ଜ୍ଞାନ ବିଜ୍ଞାନ ସମିତିର ଜିଲ୍ଲା ସଂଯୋଜକ ବିଜୟ କୁମାର ବାରିକ ଓ ସ୍ଥାନୀୟ ମହିଳା ସ୍ୱେଚ୍ଛାସେବୀ ତାରାମଣି ନାୟକ ଯୋଗଦେଇଥିବା ବେଳେ କୁଆଝରଣ ଗ୍ରାମର ୱାର୍ଡ ମେମ୍ବର ଶମ୍ଭୁନାଥ ଜୁଆଙ୍ଗ ଓ ଗ୍ରାମବାସୀ ଉପସ୍ଥିତ ରହି ରିଲିଫ ବଂଟନରେ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗସ୍ତକୁ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

## ସରକାରୀ କାର୍ଯ୍ୟକ୍ରମରୁ ଶାସକ ଦଳ ଫାଇଦା ନେବାକୁ ପ୍ରୟାସ କରୁଛି

## ସ୍ୱାସ୍ଥ୍ୟ ବ୍ୟବସ୍ଥା ନ ସୁଧାରି ହେଲଥକାର୍ଡ ବାଂଟିବା ଦୂର୍ଭାଗ୍ୟ ଜନକ: କେନ୍ଦ୍ରମନ୍ତ୍ରୀ

ବାରିପଦା ,୨୧/୧୦ (ନି.ପ୍ର): ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୟୂରଭ ଜିଲ୍ଲା ଗସ୍ତରେ ଆସି ବାରିପଦା ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଅନ୍ତର୍ଗତ ସ୍ମାର୍ଟ ହେଲ୍ଥ କାର୍ଡ ବଂଟନର ଶୁଭାରମ୍ଭ କରିବା ସହିତ ଏକାଧିକ ପ୍ରକଳ୍ପର ଉଦଘାଟନ ଏବଂ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବାର ଜଣାଯାଇଛି । ଯଦିଓ ଏହି ଗସ୍ତ ସମ୍ପୂର୍ଣ୍ଣ ସରକାରୀ ତଥାପି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପୂର୍ବରୁ ନବୀନଙ୍କ ଏହି ଜିଲ୍ଲା ଗସ୍ତ ରାଜନୈତିକ ମହଲରେ ବେଶ ଗୁରୁତ୍ୱ ବହନ କରୁଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ପ୍ରସାଶନିକ କ୍ଷେତ୍ରରେ ପ୍ରସ୍ତୁତି ଚାଲିଥିବା ବେଳେ, ସାଶକ ବିଜେଡି ଦଳ ମଧ୍ୟ ଏଥିରୁ ଭରପୁର ଫାଇଦା ଉଠାଇବାକୁ ଚେଷ୍ଟା କରୁଛି । ଦଳୀୟ କ୍ଷେତ୍ରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାରେ ସ୍ୱାଗତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ପର୍ବ ଜୋରଦାର ଚାଲିଛି । ଏପରିକି ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ରାଜ୍ୟ ସ୍ତରରୁ ବହୁ ପ୍ରମୁଖ ବିଧାୟକ ଓ ନେତା ଆସି ପ୍ରସ୍ତୁତି କାର୍ଯ୍ୟର ତଦାରଖ କରୁଥିବାର ଦେଖାଯାଇଛି । ତେବେ ବିରୋଧୀ ବିଜେପି ପକ୍ଷରୁ ଆଜି ବଜାର ଇଣ୍ଡିଆ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକାର୍ଯ୍ୟକ୍ରମ ଉପରେ ପ୍ରତିବାଦ କରାଯିବା ସହ ଆଗାମୀ ଦିନରେ ଦରକାର ପଡିଲେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରାଯିବ ବୋଲି କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ. ବିଶେଶ୍ୱର ଟୁଡୁ କହିଛନ୍ତି । ସାରା ରାଜ୍ୟରେ ଡାକ୍ତର ଅଭାବ ସହ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଷୁଡି ପଡିଥିବା ବେଳେ, ଏପରିକି ବାରିପଦା ପିଆରଏମ ମେଡିକାଲ କଲେଜ ଏକ ରେଫର ସେଂଟର ପାଲଟି ଥିବାବେଳେ, ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୁଧାର ନଆଣି ଜିଲ୍ଲା ଗସ୍ତକରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ (ବିଏସକେୱାଇ) ସ୍ମାର୍ଟ ହେଲ୍ଥ କାର୍ଡ ବଂଟନ କରିବା ସାଶକ ଦଳର ଏକ ନିର୍ବାଚନୀ ଥୋପ ଏବଂ ସେ ଜଣେ ବିରୋଧି ବିଜେପି ଦଳର ଆଦିବାସୀ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ହୋଇ ଥିବାରୁ ତାଙ୍କୁ ରାଜ୍ୟରେ ସାଶକ ବିଜେଡି ଦଳ ଇସାରାରେ ପ୍ରସାଶନ ଅବହେଳା ପ୍ରଦର୍ଶନ କରୁଥିବାର ଗୁରୁତର ଅଭିଯୋଗ ଆଣିବା ସହିତ ଆଗାମୀ ଦିନରେ ଦଳ ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯିବ ବୋଲି କହିଛନ୍ତି । ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଂଟିଆ, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ବରିଷ୍ଠ ବିଜେପି ନେତା ଜୀବନ ସାହୁ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଛୋଟେଲାଲ ମହାନ୍ତ, ପୂର୍ବତନ ଜିଲ୍ଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସିବ କୁମାର ମହାନ୍ତି ପ୍ରମୁଖ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ବ୍ରହ୍ମବରଦା ସାପ୍ତାହିକ ହାଟରୁ ସାମ୍ବାଦିକଙ୍କ ମୋବାଇଲ ଚୋରି

ଧର୍ମଶାଳା,୨୧/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦା ସାପ୍ତାହିକ ହାଟରୁ ମୋବାଇଲ ଚୋରୀ ର୍ୟାକେଟ ସକ୍ରୀୟ ହୋଇ ଉଠିଛି । ଏହି ହାଟରେ ଲୁଟେରାମାନେ ଅତି ଚତୁରତାର ସହ ଖାଉଟିଙ୍କଠାରୁ ମୋବାଇଲ ଚୋରୀ କରି ନିର୍ଭୟରେ ଫେରାର ହୋଇଯାଉଛନ୍ତି । ହେଲେ କେହି ଏହାର ଟେର ପାଇପାରୁ ନାହାନ୍ତି । ଏପରିକି ପୁଲିସ ମଧ୍ୟ ସେମାନଙ୍କ କୌଣସି ପତା ପାଇପାରୁ ନାହାନ୍ତି । ଆଜି ଏହି ହାଟରେ ସାମ୍ବାଦିକ ପ୍ରକାଶ ଚନ୍ଦ୍ର ସାହୁଙ୍କ ଏକ ଆଣ୍ଡ୍ରଏଡ ମୋବାଇଲକୁ କେହି ଦୃବୃତ ଚୋରୀ କରି ନେଇ ଯାଇଥିବା ନେଇ ସେ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଛନ୍ତି ।

# ମମିତା ମେହେର ହତ୍ୟା ପ୍ରତିବାଦରେ ବିଜେପିର ବିକ୍ଷୋଭ



ବାଲେଶ୍ୱର,୨୧/୧୦ (ନି.ପ୍ର): ଶିକ୍ଷୟତ୍ରୀ ମମିତା ମେହେରଙ୍କ ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ସମେତ ରାଜ୍ୟ ଶିକ୍ଷ ଓ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରିଛି ଜିଲା ବିଜେପି ମହିଳା ଓ ଯୁବ ମୋର୍ଚ୍ଚା । ଏହି ପରିପ୍ରେକ୍ଷୀରେ ବୁଧବାର ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ମନୀଷା ବେହେରା ଓ ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଫାଣ୍ଡିଛକ ନିକଟରେ ବିକ୍ଷୋଭ ପ୍ରଦର୍ଶିତ କରିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେପି କର୍ମକର୍ତ୍ତାମାନେ ଶିକ୍ଷୟିତ୍ରୀ ମମିତାଙ୍କୁ ନ୍ୟାୟ ପ୍ରଦାନ ସହ ଅପରାଧୀଙ୍କୁ ଗିରଫ ଓ କଠୋର ଦଣ୍ଡ ପ୍ରଦାନ ପାଇଁ ଦାବି କରିଥିଲେ । ବିଶେଷକରି ଏହି ହତ୍ୟାଘଟଣାରେ ସମ୍ପୃକ୍ତ ଥାଇ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ସହ ଗିରଫ ଦାବି କରିଥିଲେ । ଏହି ଅବସରରେ ଉତ୍ୟକ୍ତ ବିଜେପି କର୍ମୀମାନେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଅନ୍ୟମାନଙ୍କ ମଧରେ ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବିଜପେୟୀ, ମହିଳା ମୋର୍ଚ୍ଚା ରାଜ୍ୟ ଉପ-ସଭାନେତ୍ରୀ ସୁଷମା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ପୁବର୍ତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଜୀବନ ପ୍ରଦୀପ ଦାସ, ଲମ୍ବୋଦର ନାୟକ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା, ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଉପ-ସଭାପତି କମଳା ବିନ୍ଧାଣି, ମୀନାକ୍ଷୀ ମହାପାତ୍ର ଓ କମଳ ଲୋଚନ ଦାସ, ଜିଲା ସମ୍ପାଦକ ଆଶିଷ ଘୋଷ, ବିଭୁ ପ୍ରସାଦ ଦାସ, ପିଙ୍କି ପ୍ରଧାନ ଓ ସସ୍ମିତା ଚାନ୍ଦ, ଜିଲା ପରିଷଦ ସଦସ୍ୟ ବିପିନ ମାରାଣ୍ଡି, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ନଗର ସଭାନେତ୍ରୀ ସସ୍ମିତା ପଣ୍ଡା, ସବିତା ପାଣିଗ୍ରାହୀ, ସଞ୍ଜୁକ୍ତା ମହାପାତ୍ର, ବାସନ୍ତୀ ବେହେରା, ରୁବି ନନ୍ଦ, ଉର୍ମିଳା ବେହେରା, ପ୍ରଶାନ୍ତି ସାହୁ, ପାର୍ବତୀ ଜେନା, ଅବନ୍ତୀ ସାହୁ, ଅରୂପ ଜେନା ପ୍ରମୁଖ ଏହି ବିରୋଧ ପ୍ରଦର୍ଶନରେ ସାମିଲ ହୋଇଥିଲେ ।

# ପେପର ମିଲ କର୍ତ୍ତୃପକ୍ଷଙ୍କ ପକ୍ଷପାତିତାକୁ କର୍ମଚାରୀଙ୍କ ବିରୋଧ

ଜୟପୁର ,୨୧/୧୦ (ନି.ପ୍ର): ପେପର୍ ମିଲ୍ ମ୍ୟାନେଜମେଂଟ ନିକଟରେ ଆଗରୁ ଉତ୍ପାଦିତ ହୋଇ ଗଚ୍ଛିତ ଥିବା କାଗଜ ବିକ୍ରି କରି ଶ୍ରମିକ ମାନଙ୍କୁ ଦଶହରା ପୂର୍ବରୁ ଦଶ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ରାଶି ପ୍ରଦାନ କରିଛି । ଏହି କାରଖାନା ୨୦୧୯ ଏପ୍ରିଲ ରୁ ଉତ୍ପାଦନ ବନ୍ଦ ରହିଛି ଏବଂ ଯେଉଁ ଶ୍ରମିକ ମାନେ ଅବସର ଗ୍ରହଣ କଲେଣି ସେମାନଙ୍କୁ କିଛି ମଧ ପାଉଣା ଦିଆଯାଇ ନାହିଁ । ଏ ସମ୍ବନ୍ଧରେ ଚାରୋଟି ଯାକ ଶ୍ରମିକ କର୍ମଚାରୀ ସଂଘ ର ପ୍ରତିନିଧି ମାନେ ମ୍ୟାନେଜମେଂଟ ର ମୁଖ୍ୟ ଙ୍କୁ ଭେଟି ଅନୁରୋଧ କରିଥିଲେ ଯେ ୨୦୧୯ , ୨୦୨୦ ଓ ୨୦୨୧ ରେ ଅବସର ନେଇଥିବା ଶ୍ରମିକ ମାନଙ୍କୁ ମଧ ଦଶହରା ପୂର୍ବରୁ ଦେବାକୁ ଥିବା ଅଗ୍ରୀମ ରାଶି ପ୍ରଦାନ କରାଯାଉ କାରଣ ବିକ୍ରି ହେଉଥିବା କାଗଜ ଉତ୍ପାଦନ ରେ ୨୦୧୯ ର ଶ୍ରମିକ ମାନେ ମଧ ଝାଳ ରକ୍ତ ବୁହାଇ କାମ କରିଛନ୍ତି । ମ୍ୟାନେଜମେଂଟ କିନ୍ତୁ ୟୁନିଅନର ଅନୁରୋଧ କୁ ବେଖାତିର୍ କରି କେବଳ ୨୦୨୧ ର ଅବସରପ୍ରାପ୍ତ ଶ୍ରମିକ କର୍ମଚାରୀ ମାନଙ୍କୁ ଦଶହଜାର ଟଙ୍କା ଲେଖାଏ ଅର୍ଥ ଦେଇଛି । ଏସମ୍ପର୍କରେ ୟୁନିଅନ ମାନଙ୍କର ମିଳିତ କାର୍ଯ୍ୟକାରୀ କମିଟି ଆଜି ୟୁନିଟ ହେଡ୍ ଙ୍କୁ ଚିଠିଲେଖି ତୁରନ୍ତ ୨୦୧୯ ଓ ୨୦୨୦ ର ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ଦଶହଜାର ଟଙ୍କା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ଏବଂ ତତ୍ ସହିତ ବିଲ୍ଟ ସେବା କାଗଜ କଳ ର ଶ୍ରମିକ କର୍ମଚାରୀ ମାନଙ୍କୁ ମ୍ୟାନେଜମେଂଟ କୋରୋନା ମହାମାରୀ କାଳରେ ଲକ୍ ଡାଉନ୍ ସଟ୍ ଡାଉନ୍ ର ବାହାନା ରେ ବାହାରେ ରଖି ଦେଇଛି ସେମାନଙ୍କୁ ଶୀଘ୍ର ଡ୍ୟୁଟି ଦେବା ସହ ବିଲ୍ଟ ଓ ମଦର୍ ଆର୍ଥ କମ୍ପାନୀ ର ଦୁଇ ପ୍ରକାର ଦରମା ଦେବା ନିତୀ ବନ୍ଦ କରି ସମସ୍ତ ଙ୍କୁ ସମାନ ଭାବରେ ଦେଖିବା ପାଇଁ ତାଗିଦ୍ କରାଯାଇଛି । ଜଣା ଯାଇଛି ଯେ ବିଲ୍ଟ ର ଶ୍ରମିକ କର୍ମଚାରୀ ଓ ଅଫିସର୍ ମାନଙ୍କୁ କିଛି କିଛି ଅଗ୍ରୀମ ରାଶି ଦିଆଯାଉଥିଲା ବେଳେ ମଦର୍ ଆର୍ଥ କମ୍ପାନୀ ରେ ନୂଆ ଯୋଗ ଦେଇଥିବା ଅଧିକାରୀ ମାନଙ୍କୁ ପୁରା ଦରମା ଦିଆଯାଉଛି । ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ଅଗ୍ରୀମ ରାଶି ନଦେଲେ ସେମାନେ ମିଲ୍ ଗେଟ୍ ଆଗରେ ଓ ପଂଚବଟୀ ଗେଷ୍ଟ ହାଉସ ଗେଟ୍ ଆଗରେ ବିକ୍ଷୋଭ କରିବେ ବୋଲି କହିଛନ୍ତି ଏବଂ ଏଥିପାଇଁ ମ୍ୟାନେଜମେଂଟ ଦାୟୀ ରହିବ ।

## ପ୍ରେମ, ପ୍ରତାରଣା ପରେ ଅଭିଯୁକ୍ତ ଯୁବକ କୋର୍ଟ ଚାଲାଣ

କୋରେଇ,୨୧/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଶଙ୍ଖଚିଲା ଗୁରୁସାହିର ୮ ଆରତ ଗୁରୁଙ୍କ ବଡପୁଅ ଅକ୍ଷୟ ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତଗତ ତିଲିଓ ଗ୍ରାମର ବାବୁଲି ଦାସଙ୍କ ଝିଅ ଅନୁପମାକୁ ବିବାହ କରିଥିଲେ । ବିବାହ ପରେ ଅନୁପମାର ସାନ ଭଉଣୀ ନିହାରିକା ଦାସ ଭଉଣୀ ଘର ଶଙ୍ଖଚିଲାକୁ ବୁଲିବାକୁ ଆସେ । ଏଠାରେ ଭଉଣୀର ଦିଅର ଅଜୟ ସହିତ ଆରମ୍ଭ ହୁଏ ପ୍ରେମ । ଦୀର୍ଘ ୪ ବର୍ଷ ଧରି ବିବାହର ପ୍ରତିଶୃତି ଦେଇ ଅଜୟ ନିହାରିକା ସହ ପ୍ରେମ ସର୍ମ୍ପକରୁ ଶାରୀରିକ ସର୍ମ୍ପକ ଗଢି ଉଠେ । ଶେଷରେ ବିବାହ କରିବାକୁ ଅଜୟ ପ୍ରତାରଣା କରି ମନା କରିଦିଏ । କିନ୍ତୁ ପରବର୍ତି ସମୟରେ ନିହାରିକା ବିବାହ କରିବାକୁ ଜିଦ ଧରିଥିବା ବେଳେ ଅଜୟ ବିବାହ କରିବାକୁ ମନା କରେ । ଫଳରେ ନିହାରିକା ପାଣିକୋଇଲି ଥାନାରେ ଅଜୟ ଓ ପରିବାର ନାମରେ ଅଭିଯୋଗ କରେ । ଏନେଇ ପୁଲିସ ଏକ ମାମଲା ୨୬୫/୨୧ ରୁଜ୍ଜୁ କରି ଅଜୟ ଓ ତାର ଦୁଇଭାଇ ଅକ୍ଷୟ ଓ ସର୍ବେଶ୍ୱରକୁ ଥାନାକୁ ଆଣି ତଦନ୍ତ କରେ । ତଦନ୍ତ ପରେ ଅଜୟ ଓ ନିରୁପମାକୁ ଡାକ୍ତରୀ ପରୀକ୍ଷା ପରେ ଅଜୟକୁ ଗିରଫ କରି ଦଫା ୩୭୬,(୨)(ଏନ) ୪୧୭, ୨୯୪,୩୨୩, ୫୦୬, ୩୪ ଆଇପିସିରେ କୋର୍ଟ ଚାଲାଣ କରିବା ସହ ନିରୁପମାକୁ କୋର୍ଟରେ ହାଜର କରି ତାର ୧୬୪ ବୟାନ ରେକର୍ଡ ବୟାନ କରାଯାଇଛି ।

# ଜଗନ୍ନାଥ ସାଗରର ବିକାଶ ପାଇଁ ବୈଠକ

ଜୟପୁର,୨୧/୧୦ (ନି.ପ୍ର): ଜୟପୁର ସହରର ପରିଚୟ ଐତିହାସିକ ଜଗନ୍ନାଥ ସାଗରର କାୟା ଦିନକୁ ଦିନ ସଂକୁଚିତ ଓ ପ୍ରଦୁଷିତ ହେବାରେ ଲାଗିଛି । ଦିନ କୁ ଦିନ ଏହାର ଅବସ୍ଥା ଖରାପ ହେବାକୁ ଯାଉଛି । ଏହାର ପୁନଃ ଉଦ୍ଧାର ଓ ସୁରକ୍ଷା ପାଇଁ ବିଭିନ୍ନ ସମୟରେ କାଯ୍ୟ କରୁଥିବା କେତେ ଜଣ ଜୟପୁର ବାସୀ ଆଜି ସଗର କୁଳରେ ଏକ ବୈଠକ କରିଥିଲେ । ଏହି ବୈଠକ ମୁଖ୍ୟ ଉଦ୍ଦେଷ୍ୟ ଜଗନ୍ନାଥ ସାଗର ସୁରକ୍ଷା ଓ ପୁନଃ ଉଦ୍ଧାର କରିବା ନେଇ ଆଲୋଚନା ହୋଇଥିଲା । ଉପସ୍ଥିତ ବ୍ୟକ୍ତି ବିଶେଷ ଏହାର ଉନ୍ନୟନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଆଲୋଚନା ପରେ କେତେ ଗଡିଏ ନିଷ୍ପତ୍ତି ସବସମ୍ମତି କ୍ରମେ ଗ୍ରହଣ କରାଯାଇଛି । ବର୍ତ୍ତମାନ ଠାରୁ ଜଗନ୍ନାଥ ସାଗରର ସୁରକ୍ଷା ଓ ପୁନଃ ଉଦ୍ଧାର ନିମନ୍ତେ ମୋ ଜଗନ୍ନାଥ ସାଗର ନାମରେ ଏକ ଟ୍ରଷ୍ଟ ଗଠନ କରାଯିବ ଏହି ଟ୍ରଷ୍ଟରେ ଜୟପୁର ପୌରପାଳିକାରେ ରହିଥିବା ସମସ୍ତ ରେଜିଷ୍ଟିଭୁକ୍ତ ସଂସ୍ଥା ଓ ଯୁବକ ସଂଘର ସଭାପତି, ସମ୍ପାଦକ, କିମ୍ବା ସେ ମାନଙ୍କ ଦ୍ୱାରା ମନୋନିତ ୮ ଜମ ସଦସ୍ୟ ମାନଙ୍କ ମିଳିତ ସଦସ୍ୟତା ରହିବ । ଏହି ଟ୍ରଷ୍ଟ ମାଧମରେ ସାଗରର ପୁନଃ ଉଦ୍ଧାର ନିମନ୍ତେ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ପୌରପାଳିକା ଠାରୁ ରାଜ୍ୟସ୍ତରିୟ ବିଭାଗ ଯାଏ ସୁଚନା ଓ ପତ୍ର ଆଦାନ ପ୍ରଦାନ କରାଯିବ । ଟ୍ରଷ୍ଟର ସଦସ୍ୟ ମାନେ ପ୍ରତ୍ୟେକ ଓାର୍ଡ ଓ ସାହି କୁ ଯାଇ ଜଗନ୍ନାଥ ସାଗର ଓ ଜୟପୁର ପାଇ କେତେ ଅପରିହାଯ୍ୟ ସେ ବିଷୟରେ ସଚେତନତା କାଯକ୍ରମ ଆରମ୍ଭ । ହେବ । ଏଥି ପାଇ ଟ୍ରଷ୍ଟର ସମସ୍ତ ଜୟପୁର ବାସୀ ଙ୍କ ସାହାଯ୍ୟ ଓ ସହ ଯୋଗ କାମାନା କରିଛନ୍ତି । ବୈଠକରେ ଆବାହକ କହିଛନ୍ତି ଯଦି ସମସ୍ତ ଜୟପୁର ବାସୀ ବ୍ୟକ୍ତି ଗତ ରାଜନୈତିକ, ପ୍ରଶାସନିକ, ବ୍ୟବସାୟିକ ଓ ବୃତ୍ତି ଗତ ସ୍ୱାର୍ଥରୁ ଉଦ୍ଧରେ ଉଠି ସାମୁହିକ ବିକାଶ ଦିଗରେ ଚିନ୍ତା କରନ୍ତି ତେବେ ଅଳ୍ପ ଦିନରେ ଜଗନ୍ନାଥ ସାଗର ସୁନ୍ଦର ପରିଷ୍କାର ଉ ସୁରକ୍ଷିତ ହୋଇପାରିବ ।

# ପଟ୍ଟାମୁଣ୍ଡାଇରେ କଙ୍ଗାରୁ କୋର୍ଟ : ପେଟ୍ରୋଲ ପମ୍ପ ଆଗରେ ପ୍ରତିବାଦ

## ଦୁଇ ସରପଚଂଙ୍କ ସମେତ ୪ ଗିରଫ

ପଟ୍ଟାମୁଣ୍ଡାଇ,୨୧/୧୦ (ନି.ପ୍ର): ଗତକାଲି ବଡପଡାରେ ଥିବା ଏକ ପେଟ୍ରୋଲ ପମ୍ପରୁ ଟଙ୍କା ଚୋରି ଅଭିଯୋଗରେ ପେଟ୍ରୋଲ ପମ୍ପ ମାଲିକ ଓ ତାଙ୍କ ପୁଅ ସହିତ ତିନି ଜଣ ସରପଚଂ ଓ ଜଣେ ଜିଲ୍ଲା ପରଷଦସଭ୍ୟଙ୍କ ସ୍ୱାମୀଙ୍କ ଉପସ୍ଥିତିରେ ନିର୍ଯାତନା ଦିଆଯାଇଥିଲା । ପେଟ୍ରୋଲ ପମ୍ପରେ କାମ କରୁଥିବା କର୍ମଚାରୀ ଓ ତାଙ୍କ ବୃଦ୍ଧ ବାପାଙ୍କୁ ମାଡମାରିବା ସହ ଇଲେକ୍ଟ୍ରିସକ୍ ମଧ ଦିଆଯାଇଥିଲା । ଏହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସ ?ଷ୍ଟି କରିଥିଲା । ଆଜି ପଟ୍ଟାମୁଣ୍ଡାଇ ଅଂଚଳରେ ହୋଇଥିବା ଏଭଳି ତାଲିବାନୀ ଶାସନକୁ ବିରୋଧ କରି ସାହୁପଡା ଠାରେ ଥିବା ପେଟ୍ରୋଲ ପମ୍ପ ଆଗରେ ସ୍ଥାନୀୟ ଲୋକ ଏକାଠି ହୋଇ ପ୍ରତିବାଦ କରିଛନ୍ତି । ସମସ୍ତ ଅପରାଧୀଙ୍କୁ ଗିରଫ ଦାବିରେ ବିକ୍ଷେଭ କରାଯାଇଥିଲା । ଘଟଣାରେ କେନ୍ଦ୍ରାପଡ଼ା ପୋଲିସ ଦୁଇ ସରପଚଂଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ଘଟଣାରୁ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ଅଧିନ ବଡପଡା-ସାହୁପଡା ରାସ୍ତାପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ପମ୍ପରେ ମହାକାଳପଡା ଥାନା ଅଧିନ ବିଜୟନଗର ଅଂଚଳର ଜଣେ ଯୁବକ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି । ଏହି ପେଟ୍ରୋଲ ପମ୍ପଟି ଦୁଇଜଣଙ୍କ ମାଲିକାନାରେ ରହିଛି । ପେଟ୍ରୋଲ ପମ୍ପରେ ମହଜୁଦ ଥିବା ତେଲ ବିକି ୯ ଲକ୍ଷ ଟଙ୍କାକୁ କର୍ମଚାରୀ ଜଣକ ଦାୟିତ୍ୱରେ ଦିଆଯାଇଥିଲା । ତେବେ ମାଲିକଙ୍କ ଘରେ ଟଙ୍କା ପହଁଚିବା ପରେ ପରବର୍ତୀ ସମୟରେ ଟଙ୍କା ଭର୍ତି ବ୍ୟାଗରେ ୯ ଲକ୍ଷ ଟଙ୍କା ପରିବର୍ତେ ୭ ଲକ୍ଷ ଟଙ୍କା ଥିବା ଜନୈକ ପେଟ୍ରୋଲ ପମ୍ପ ମାଲିକ ଜାଣିବାକୁ ପାଇଥିଲେ । ଏହି ଟଙ୍କା ଚୋରି ଅପରାଧରେ ସ୍ମିତିରଞ୍ଜନଙ୍କୁ ତେଲ ଟାଙ୍କି ନିକଟରେ ଥିବା ଜନୈକ ବ୍ୟକ୍ତିଙ୍କ ଘରକୁ ଡାକି ସଭା ବସାଇଥିଲେ । ଏହି ସଭାରେ ୩ ଜଣ ସରପଚଂ ଉପସ୍ଥିତ ରହି ଉକ୍ତ କର୍ମଚାରୀଙ୍କ ବିଚାର କରିଥିଲେ । ୨ ଲକ୍ଷ ଟଙ୍କା ହାତେଇ ଥିବା କର୍ମଚାରୀ ଜଣକ ନମାନିବାରୁ କଙ୍ଗାରୁ କୋର୍ଟରେ ଉପସ୍ଥିତ ଥିବା ଲୋକପ୍ରତିନିଧିମାନେ କର୍ମଚାରୀଙ୍କୁ ପିଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେଲଟାଙ୍କି ମାଲିକଙ୍କ ସମ୍ପର୍କୀୟମାନେ କର୍ମଚାରୀଙ୍କୁ ନିର୍ଦ୍ଧୁମ ପିଟିଥିଲେ । ଘଟଣାର ତଦନ୍ତ କରି କେନ୍ଦ୍ରାପଡ଼ା ପୋଲିସ ମାମଲାରେ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବିଜୟନଗର ସରପଚଂ, ବହିପାଳ ସରପଚଂ, ପେଟ୍ରୋଲ ପମ୍ପ ମାଲିକ ଏବଂ ତାଙ୍କ ପୁଅ ।

# ସାନଘାଗରା ଜଳପ୍ରପାତ

ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା । ପ୍ରକୃତି ଯେପରି ଗୋଟିଗୋଟି କରି ଶୋଭାର ଭଣ୍ଡାର ଏଠାରେ ସଜାଇ ରଖିଛି । ଏଗୁଡ଼ିକ ମଧ୍ୟରୁ ଅନ୍ୟତମ ସାନଘାଗରା ଜଳପ୍ରପାତ । ବଣଭୋଜି ସମୟ ଆରମ୍ଭ ହେବା ମାତ୍ରେ ଅନେକଙ୍କର ପ୍ରଥମ ପ୍ରସନ୍ଦ ପାଲଟେ ସାନଘାଗରା ଜଳପ୍ରପାତ । ଓଡ଼ିଶାର ଉତ୍ତର ସୀମାରେ ପଡ଼ୋଶୀ ଝାଡ଼ଖଣ୍ଡକୁ ଲାଗି ସମୁଦ୍ର ପତ୍ତନଠାରୁ ହାରାହାରି ୪୮୦ ମିଟର ଉଚ୍ଚରେ ଅବସ୍ଥିତ କେନ୍ଦୁଝର ଜିଲା । ରାଜଧାନୀ ଭୁବନେଶ୍ୱରଠାରୁ ସଡ଼କ ପଥରେ ପ୍ରାୟ ୨୩୫ କିଲୋମିଟର ଏବଂ ଯାଜପୁର କେନ୍ଦୁଝର ରେଳଷ୍ଟେସନଠାରୁ ୧୧୫ କିଲୋମିଟର ଦୂର ହୋଇଥିବା ବେଳେ ଯାଜପୁର ରୋଡ଼ଠାରୁ ୩୦ କିଲୋମିଟର ଦୂରରେ ଏହି ଜିଲ୍ଲା ଅବସ୍ଥିତ । ୧୧୫ ନମ୍ବର ଜାତୀୟ ରାଜପଥରେ ଗଲେ ପଡ଼େ ଆନନ୍ଦପୁର ଉପଖଣ୍ଡ । ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୀଠ ଘଟଗାଁ । ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଉଚ୍ଚ ଜଳପ୍ରପାତ ଦେଖିବାଲାଗି କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ଛୁଟିଥାଏ ।





### ଅବସ୍ଥିତି :

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ୪୯ ନଂ ଜାତୀୟ ରାଜପଥକୁ ଲାଗି ୩୧ମି ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତ ବୁଲି ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଘଞ୍ଚ ବଣପାହାଡ଼ ଘେରା ସାନଘାଗରାର ଶିଶୁପାର୍କ, ଗୋଲାପ ଉଦ୍ୟାନ, ବୋଟିଂ ସୁବିଧା ତଥା ଚତୁଃପାର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପିକନିକ୍ ଋତୁରେ ପ୍ରବଳ ଗହଳି ଜମେ । ପର୍ଯ୍ୟଟକଙ୍କ ସହିତ ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନେ ବି ଏଠାକାର ଆକର୍ଷଣ ଏଡାଇ ପାରନ୍ତି ନାହିଁ । ପ୍ରାକୃତିକ ଶୋଭା ମଧ୍ୟରେ ପ୍ରାୟ ୧୦୦ଫୁଟ ଉଚ୍ଚରୁ ସ୍ତରସ୍ତର ହୋଇ ଆସୁଥିବା ଏଇ ପ୍ରପାତ ନିକଟରେ ଏକାଧିକ ଚଳଚ୍ଚିତ୍ରର ଫଟୋ ଉତ୍ତୋଳନ ସ୍ଥାନ ଭାବେ ପରିଚିତ । ପର୍ଯ୍ୟଟନରେ ଆସିଥିବା ଶିଶୁମାନଙ୍କର ମଧ ମନୋରଞ୍ଜନ ଏବଂ ସୁବିଧା ପାଇଁ ସାନ ଘାଗରାରେ ବଣଭୋଜିର ବ୍ୟବସ୍ଥା କରାଯାଇଥାଏ ।



### ଦର୍ଶନୀୟ ସ୍ଥାନ :

ଏହାର ନିକଟବର୍ତ୍ତୀ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ତେଣୁ ଇଚ୍ଛା କଲେ ବଡ଼ ଘାଗରା, ଷୋଡ଼ଶ ଶତାବ୍ଦୀର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ରାଜବାଟୀ, ସିଦ୍ଧମଠ, କେନ୍ଦୁଝର ରାଜାଙ୍କ ବିରାଟ ଦରବାର ହଲ ଗୋନାସିକା, ମା ତାରିଣୀଙ୍କ ମନ୍ଦିର ସୀତାବିଞ୍ଜ ,ବଂ ଖଣ୍ଡାଧାର ଜଳପ୍ରପାତ ମଧ ଦେଖିବାକୁ ଯାଇପାରିବେ । ଏ ସମସ୍ତ ସ୍ଥାନ କେନ୍ଦୁଝରଠାରୁ ୩୦ରୁ ୫୦କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।



### କେମିତି ଯିବେ :

ଉଭୟ ସଡକ ଏବଂ ରେଳପଥରେ ଏଠାକୁ ଯିବା ସହଜ । ବିଭିନ୍ନ ଅଞ୍ଚଳରୁ ଏଠାକୁ ବସସେବା ରହିଥିବା ବେଳେ ରେଳଷ୍ଟେସନରୁ ସାନଘାଗରା ମୋଟ ୮କିଲୋମିଯର ଦୂର । ଷ୍ଟେସନରୁ କେନ୍ଦୁଝର ୩କିଲୋମିଟର ଏବଂ କେନ୍ଦୁଝରରୁ ଘାଗରାର ଦୂରତ୍ୱ ୫କିଲୋମିଟର ।

### କେଉଁଠି ରହିବେ :

ପାନ୍ଥ ନିବାସ (ସାନଘାଗରାଠାରୁ୨ କିଲୋମିଟର), ପ୍ରକୃତି ନିବାସ (ବନ ନିବାସ ପକ୍ଷରୁ ଅନଲାଇନ ବୁକିଂ) । ଏହା ବ୍ୟତୀତ କେନ୍ଦୁଝରରେ ଏକାଧିକ ହୋଟେଲର ସୁବିଧା ଉପଲବ୍ଧ ।





# ଘରେ ପ୍ରସ୍ତୁତ କରନ୍ତୁ ଏଗ୍ ଚିଲ୍ଲି

**ଆବଶ୍ୟକ ସାମଗ୍ରୀ:**
କ୍ୟାପସିକମ୍, ପିଆଜ, କଞ୍ଚା ଲଙ୍କା, ଅଦା, ରସୁଣ, ଅଣ୍ଡା, ସିଜୱାଇନ୍ ସସ୍, ଟମାଟୋ ସସ୍, କର୍ଣ୍ଣଫ୍ଲୋର, ମଇଦା, ଗୋଲମରିଚ ଗୁଣ୍ଡ, ଲୁଣ, ରିଫାଇନ୍ ତେଲ, ଚାଇନିଜ ସଲଟ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଅଣ୍ଡାକୁ ସିଝାଇ ଦିଅନ୍ତୁ। ପ୍ରତି ଅଣ୍ଡାକୁ ୪ ଖଣ୍ଡ ଲେଖା କରି ଦିଅନ୍ତୁ।

ଏବେ ଏକ ବାଉଲରେ କର୍ଣ୍ଣଫ୍ଲୋର, ମଇଦା, ଗୋଲମରିଚ ଗୁଣ୍ଡ, ଲୁଣ, ସିଜୱାଇନ୍ ସସ୍, ଅଣ୍ଡା କେଶର ମିଶାନ୍ତୁ। ସେଥିରେ ଅଳ୍ପ ଅଳ୍ପ ପାଣି ପକାଇ ତାହାକୁ ଗୋଳାଇ ଏକ ପତଳା ଘୋଳ ପ୍ରସ୍ତୁତ କରି ଦିଅନ୍ତୁ।

ଏକ ପ୍ଲେଟରେ କିଛି ମଇଦା ନିଅନ୍ତୁ। ଅଣ୍ଡା ପିସ୍‌କୁ ମଇଦାରେ



ଗୋଳାଇ ଘୋଳରେ ବୁଡ଼ାନ୍ତୁ। ଏକ କରେଇରେ ତେଲ ଗରମ କରନ୍ତୁ। ଏହାପରେ ଅଣ୍ଡାକୁ ପକାଇ ତାହାକୁ ମିଡିୟମ ଆଞ୍ଚରେ ଫ୍ରାଏ କରନ୍ତୁ। ଏବେ ଅନ୍ୟ ଏକ ପାତ୍ରରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ହୋଇଥିବା ଅଦା, ରସୁଣ, କଞ୍ଚାଲଙ୍କା ପକାଇ ଫ୍ରାଏ କରନ୍ତୁ । ଏବେ ସେଥିରେ ପିଆଜ, କ୍ୟାପସିକମ୍ ପକାନ୍ତୁ। ଏହାକୁ କିଛି ସମୟ ଫ୍ରାଏ କରିବା ପରେ ସେଥିରେ ସିଜୱାଇନ୍ ସସ୍, ଚାଇନିଜ ସଲଟ, ଲୁଣ, ଗୋଲମରିଚ ଗୁଣ୍ଡ, ସୋୟା ସସ୍, ଟମାଟୋ ସସ୍, ଭିନେଗାର ପକାଇ ଗୋଳାନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ତାହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ ଏକ ଛୋଟ ବାଉଲରେ କିଛି କର୍ଣ୍ଣଫ୍ଲୋର ନେଇ ସେଥିରେ ପାଣି ମିଶାଇ ଏହି ଘୋଳକୁ କରେଇରେ ପକାଇ ଗୋଳାନ୍ତୁ। ତାହା ଫୁଟିବା ଆରମ୍ଭ ହେବା ମାତ୍ରେ ସେଥିରେ ଅଣ୍ଡା ଫ୍ରାଏକୁ ପକାଇ ଗୋଳାନ୍ତୁ। ଏବେ ଗ୍ୟାସ୍ ବନ୍ଦ କରି ଅଣ୍ଡା ଚିଲ୍ଲିକୁ ଏକ ପ୍ଲେଟକୁ ବାହାର କରି ତାହା ଉପରେ ଧନିଆପତ୍ର ପକାନ୍ତୁ। ଏବେ ଗରମାଗରମ ସର୍ଭ କରନ୍ତୁ ଟେଷ୍ଟି ଅଣ୍ଡା ଚିଲ୍ଲି।

# ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ



ଏକ ଅଧ୍ୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଜାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂକୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ଦ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲିହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟିସୋଲ ସ୍ତର ବୃଦ୍ଧିପାଏ ।

# ଦୁନିଆର ସବୁଠାରୁ ଦାମୀ ପାଣି ବୋତଲ: ଦାମ ଶୁଣିଲେ ହୋଇଯିବେ ଆଶ୍ଚର୍ଯ୍ୟ...



ଜଳ ହିଁ ଜୀବନ, ଏ କଥା ଆମେ ସମସ୍ତେ ଜାଣିଛେ । ପାଣି ଆମକୁ ସବୁ ସ୍ଥାନରେ ମିଳିଥାଏ। ହେଲେ ଅନେକ ଲୋକ ବିଭିନ୍ନ ବ୍ରାଣ୍ଡର ପାଣି ପିଇବାକୁ ପସନ୍ଦ କରନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ପାଣି ବୋତଲ ବ୍ରାଣ୍ଡ ନାଁ କହିବୁ ଯାହାର ମୂଲ୍ୟ ଲକ୍ଷାଧାକ ଟଙ୍କା । ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ପୂରା ସତ । ଏହି ପାଣି ବୋତଲର ଦାମ ଏତେ ଟଙ୍କା ଯେ ଏଥିରେ ଆପଣ ଚାହିଁଲେ ଏକ ମର୍ସେଡିସ କାର କିଣିପାରିବେ ।

ଏହି ପାଣି ବୋତଲର ନାଁ ହେଉଛି ଆକ୍ୱା କ୍ରିଷ୍ଟାଲୋ ଟ୍ରିବିଟୋ ଏ ମୋଡିଗ୍ଲିଆନି । ଫ୍ରାନ୍ସରେ ମାଟିର ଅନେକ ଗଭିରତାରୁ ଏହି ପାଣି ସଂଗ୍ରହ କରାଯାଇଥାଏ । ଏହାର ପ୍ୟାକିଂରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ସ୍ୱାଦ ମଧ ସବୁ ପାଣିଠାରୁ ଭିନ୍ନ ହୋଇଥାଏ ।

ଏହି ପାଣି ବୋତଲରେ ୧ ଲିଟର ପାଣି ବି ରହିନଥାଏ, ଏହି ବୋତଲରେ ୭୫୦ ମିଲି ଲିଟର ପାଣି ରହିଥାଏ । ଆଉ ଏହାର ଦାମ ହେଉଛି ୪୫ ଲକ୍ଷ ଟଙ୍କା । ଏକ ରିପୋର୍ଟ ଅନୁସାରେ ଏହି ଭିନ୍ନ ଧରଣର ପାଣି ରହୁଥିବା ବୋତଲ ୨୪ କ୍ୟାରେଟ ସୁନାରେ ତିଆରି ହୋଇଥାଏ ।

ଏହି ପାଣି ବୋତଲ ଦାମୀ ହେବାର ଅନେକ କାରଣ ରହିଛି । ପ୍ରଥମ କାରଣ ହେଉଛି ଏହି ସୁନାର ବୋତଲ । ଆଉ ଏହି ପାଣି ବୋତଲକୁ ତିଆରି କରିଛନ୍ତି ଦୁନିଆର ପ୍ରତିଷ୍ଠିତ ବୋତଲ ଡିଜାଇନର ଫର୍ନାଡୋ ଅଲତାମିରାନୋ । ଏହାଛଡା ଏହି ପାଣି ଅନ୍ୟ ପାଣିଠାରୁ ଅଧିକ ଏନର୍ଜି ମଧ ଦେଇଥାଏ ।

### ଅଦରକାରୀ ଉପକାର ଦେବ

ଅସରପା ସମସ୍ୟା ପ୍ରାୟତଃ ପ୍ରତ୍ୟେକ ଘରେ ଥିବ । ଏଥିରୁ ମୁକ୍ତି ପାଇବା ଲାଗି ବଡ଼ ଚାମଚରେ ୨ଚାମଚ ଲେଖାଏ ବୋରିକ୍ ପାଉଡର ଏବଂ ଗହମ ଅଟା ନେଇ ଏଥିରେ କ୍ଷୀର ମିଶାଇ ଚକଟିଦେବେ । ଏହାର ଛୋଟଛୋଟ ଗୁଳା କରି ଅସରପା ହେଉଥିବା ସ୍ଥାନରେ ରଖିଦିଅନ୍ତୁ ।

ବହି ଥାକରେ କିଛି ଶୁଖିଲା ନିମପତ୍ର ରଖିଦେଲେ ପୋକ ଲାଗିବେନି । ଚନ୍ଦନ କାଠ ବି ସେଠାରେ ରଖିପାରନ୍ତି ।

ଘରେ ବେଶୀ କଳାପିମ୍ପୁଡ଼ି ହେଉଥିଲେ ସେସବୁ ଜାଗାରେ ଅଳ୍ପ ଅଟା, ଚିନି ଏବଂ ହଳଦି ମିଶାଇ ପକାଇ ଦିଅନ୍ତୁ । ପିମ୍ପୁଡ଼ି ପଳାଇବେ ।

# ଘରୋଇ ଉପାୟରେ କରନ୍ତୁ କେଶ ସିଧା

ଆପଣ ଯଦି କୌଣସି ପାର୍ଟି ଉତ୍ସବକୁ ଯାଉଛନ୍ତି ଏବଂ ଚାହୁଁଛନ୍ତି ଆପଣଙ୍କର କେଶ ବି କୌଣସି ହିରୋଇନ୍‌ଙ୍କ କେଶ ଭଳି ଚିକ୍କଣ ଓ ସିଧା ଦେଖାଯାଉ ବୋଲି ତେବେ ଚିନ୍ତା କରନ୍ତୁ ନାହିଁ। କାହିଁକି ନା, ଆଜି ଆମେ ଆପଣଙ୍କୁ ପାର୍ଲର ନ ଯାଇ ବିନା କୌଣସି କେମିକାଲ୍ ବ୍ୟବହାର ନ କରି ଘରୋଇ ଉପାୟ ଦ୍ୱାରା କେଶକୁ କିପରି ଚିକ୍କଣ ଓ ସିଧା କରାଯାଇପାରିବ ସେହି ବିଷୟରେ ଜଣାଇବୁ। ଆସନ୍ତୁ ଜାଣିବା ଏହା ବିଷୟରେ।

**ଆବଶ୍ୟକୀୟ ସାମଗ୍ରୀ:**

୧- ୧୦ ଚାମଚ ଏଲୋଭେରା ଜେଲ୍

୨-୧ ଚାମଚ ନଡ଼ିଆର ତେଲ

**ପ୍ରସ୍ତୁତି :** ପ୍ରଥମେ ଆପଣ ଏଲୋଭେରାରୁ ତାହାର ଭିତର ଅଂଶର ଜେଲ୍‌କୁ ବାହାର କରି ତାହାକୁ ଗ୍ରାଇଣ୍ଡର ସାହାଯ୍ୟରେ ଭଲକରି ପେସିଦିଅନ୍ତୁ। ଏହାପରେ ଆପଣ ଏକ ପାତ୍ରରେ ଏଲୋଭେରା ଜେଲ୍‌ର ୧୦ ଚାମଚ ଏବଂ ଏକ ଚାମଚ ନଡ଼ିଆ ତେଲକୁ ଆଣି ତାହାକୁ ଭଲଭାବରେ ୨ରୁ ୩ ମିନିଟ୍ ପଯ୍ୟର୍ନ୍ତ ଫେଣ୍ଟି ଦିଅନ୍ତୁ। ଏଥିସହିତ ଆପଣ ଆପଣଙ୍କ କେଶର ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବରେ ଏହାକୁ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ। ଏହାପରେ ଆପଣ ଏହାକୁ ୧ ଘଣ୍ଟା ପର୍ଯ୍ୟନ୍ତ ରଖି କେଶକୁ ଥଣ୍ଡାପାଣି ସାହାଯ୍ୟରେ ଧୋଇଦିଅନ୍ତୁ। ଏହାପରେ ଆପଣ ନିଜେ ହିଁ ଅନୁଭବ କରିବେ କି କିଭଳି ଭାବରେ ଆପଣଙ୍କ କେଶ ପୂର୍ବାପେକ୍ଷା ସିଧା, ସୁନ୍ଦର, ଚିକ୍କଣ ଏବଂ ନରମ ହୋଇଯାଇଅଛି। ଆଉ ଯଦି ଆପଣ ଏହାର ଭଲ ଫଳାଫଳ ପାଇବାକୁ ଚାହୁଁଛନ୍ତି ତ, ତେବେ ଆପଣଙ୍କୁ ଏହି ଉପାୟର ଉପଯୋଗକୁ ନିରନ୍ତର ଭାବରେ ୧୦ ଦିନ ପର୍ଯ୍ୟନ୍ତ କରିବାକୁ ପଡ଼ିବ।



# ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ

ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର ଅବସାଦ ଲକ୍ଷଣ ଯାଞ୍ଚ କରିଥିଲେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କେବେ ସୁଧାରିବନି ଚୀନ୍...

ଭାରତ ଓ ଚୀନ ମଧ୍ୟରେ ନିକଟରେ ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ନିମନ୍ତେ ହୋଇଥିବା ତ୍ରୟୋଦଶ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଛି । ଉଭୟ ଦେଶର ସେନା କମାଣ୍ଡର ସ୍ତରୀୟ ଏହି ଆଲୋଚନା ସୀମାନ୍ତରେ ସ୍ଥିତାବସ୍ଥା ତଥା ସ୍ଥିରତା କାଏମ ରଖିବା ନିମନ୍ତେ ଆୟୋଜିତ ହୋଇଥିଲା । କିନ୍ତୁ ସଂପୃକ୍ତ କ୍ଷେତ୍ରର ଏଲଏସିରୁ ସେନା ପ୍ରତ୍ୟାହାର ନିମନ୍ତେ ଚୀନ୍ କର୍ତ୍ତୃପକ୍ଷଙ୍କ ଅସହମତ ସମଗ୍ର ପ୍ରକ୍ରିୟାଟିକୁ ପୁଣି ଥରେ ପାଣି ଫିଟାଇ ଦେଇଛି । ଦୁଇବର୍ଷ ପୂର୍ବେ ସେଠାରେ ଘଟିଥିବା ରକ୍ତାକ୍ତ ସଂଘର୍ଷ ପରେ ଉଭୟ ଦେଶ ସାମରିକ, ରାଜନୈତିକ ଏବଂ କୂଟନୈତିକ ସ୍ତରରେ ଏହାକୁ ତୁଟାଇବା ସକାଶେ ଆଲୋଚନା ଜାରି ରଖିଥିଲେ ସୁଦ୍ଧା ଚୀନ୍ ପକ୍ଷରୁ ବାରମ୍ବାର ମତ ବଦଳାଯିବା ଏବଂ ଆଚରଣ ଓ ଉଚ୍ଚାରଣ ମଧ୍ୟରେ ତାଳମେଳ ନରହିବା ବେଜିଂ କର୍ତ୍ତୃପକ୍ଷଙ୍କ ମାନସିକତାକୁ ସ୍ପଷ୍ଟ କରୁଛି । ତ୍ରୟୋଦଶ ପର୍ଯ୍ୟାୟ କଥାବାର୍ତ୍ତାରେ ଚୀନ୍ ଭାରତକୁ ଏଲଏସିରୁ ତା'ର ସେନା ପ୍ରତ୍ୟାହାର କରିବା ନିମନ୍ତେ ଜିଦ୍ ଧରି ବସିବାବେଳେ ନିଜେ ଫରୱାର୍ଡ ଏରିଆରେ ଯେଉଁ ବିପୁଳ ସେନା ଓ ଅସ୍ତ୍ରଶସ୍ତ୍ର ଠୂଳ କରିଛି ତାହାକୁ କାଏମ ରଖିବ ବୋଲି ପରୋକ୍ଷରେ ସୂଚାଇଥିଲା । ଏଭଳି ପ୍ରସ୍ତାବ ଭାରତ ପାଇଁ ଗ୍ରହଣୀୟ ନହେବା ସ୍ୱାଭାବିକ ଥିଲା । ତେଣୁ କୌଣସି ସହମତ ବିନା ସଦ୍ୟତମ ପର୍ଯ୍ୟାୟ କଥାବାର୍ତ୍ତା ଶେଷ ହୋଇଛି । ଏହା ସୂଚୀତ କରିଛି ଯେ କେବଳ ଭାରତ ନୁହେଁ, ହଜାର ହଜାର ସଂଖ୍ୟକ ଚୀନ୍ ସେନାଙ୍କୁ ମଧ୍ୟ ଆଗାମୀ ଶୀତଋତୁରେ ହିମାଳୟର ତୁଷାର ସୀମାନ୍ତରେ ମାସ ମାସ ଧରି ପହରା ଦେବାକୁ ପଡ଼ିବ । ପ୍ରାକୃତିକ ଜାଡ଼ ସତ୍ତ୍ୱେ ଉତ୍ତେଜନା ଜାରି ରହିବ । ହୁଏତ ତାହା ଗଲୱାନ ଭଳି ଘଟଣାର ପୁନରାବୃତ୍ତି ଘଟାଇନପାରେ । ଗଲୱାନ ବିବାଦ ପରେ ଚୀନ ଯେଉଁଭଳି ଭାବେ ବିଶ୍ୱ କୂଟନୈତିକ ଚାପର ସମ୍ମୁଖୀନ ହୋଇଥିଲା ଏବଂ ଭାରତ ଏହି ଘଟଣାକୁ ଯେଭଳି ଧୈର୍ଯ୍ୟର ସହ ମୁକାବିଲା କଲା, ତାହା ଭାରତ-ଚୀନ ବିବାଦ ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା । ଇତି ପୂର୍ବରୁ ଚୀନ୍ କେବଳ ଭାରତ ଉପରେ ଦାଦାଗିରି ଦେଖାଇ ଆସୁଥିଲା ଏବଂ ଭାରତ ନୀରବରେ ତାହା ସହ୍ୟ କରିଚାଲିଥିଲା । କିନ୍ତୁ ଗଲୱାନ ଘଟଣା ବେଜିଂ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ବାର୍ତ୍ତା ପହଞ୍ଚାଇଥିଲା ଯେ ଭାରତକୁ ଆଉ ପୂର୍ବ ଦୃଷ୍ଟିରେ ଦେଖାଯାଇ ପାରିବ ନାହିଁ । ଭାରତ ମଧ୍ୟ ଠିକଣା ଜବାବ ଦେବାକୁ ସକ୍ଷମ ଓ ପ୍ରସ୍ତୁତ । ଭାରତର ଆର୍ଥିକ ଓ ସାମରିକ ସାମର୍ଥ୍ୟକୁ ଚୀନ୍ ସହ୍ୟ କରିବାକୁ ନାରାଜ । ଏସିଆ ଭୂଖଣ୍ଡରେ ନିଜର ପ୍ରଭାବ ବିସ୍ତାର ଲାଗି ପ୍ରୟାସ କରୁଥିବା ଚୀନ ପାଇଁ ଭାରତ ହେଉଛି ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ । ତେଣୁ ଭାରତ ସହିତ ଥିବା ହଜାର ହଜାର କିଲୋମିଟର ଦୀର୍ଘ ସୀମାନ୍ତର ବିଭିନ୍ନ ସ୍ଥାନରେ ସମୟାନ୍ତରେ ବିବାଦ ଭିଆଇ ଚୀନ ଭାରତକୁ ଚାପଗ୍ରସ୍ତ ରଖିବାକୁ ଚେଷ୍ଟା ଚଳାଇଛି । କିନ୍ତୁ ଭାରତ ଇତ୍ୟବସରରେ କେବଳ ଚୀନକୁ କଡ଼ା ଜବାବ ଦେଇନାହିଁ ଅପରନ୍ତୁ, କୂଟନୈତିକ ଠାରୁ ଆରମ୍ଭ କରି ଆର୍ଥିକ ଏବଂ ଅନ୍ୟାନ୍ୟ ବୈଶ୍ୱିକ ସ୍ତରରେ ଚୀନକୁ ଠିକଣା ଜବାବ ଦେଇଚାଲିଛି । ତେଣୁ ଦେପସାଙ୍ଗ ପ୍ଲେନ ସମେତ ଅନ୍ୟାନ୍ୟ କେତେକ ପଏଣ୍ଟରେ ଏବେ ଯେଉଁ ସେନା ଛାଉଣି ରହିଛି ତାହାକୁ ଚୀନ ବରଦାସ୍ତ କରିବାକୁ ନାରାଜ । ଭାରତ ସଦାସର୍ବଦା ନିଜର ପ୍ରତିବେଶୀ ରାଷ୍ଟ୍ରଙ୍କ ସହିତ ସୁସମ୍ପର୍କ ରକ୍ଷା କରିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଏହି ଭାବନାର ସହିତ ସମ୍ପର୍କ ରକ୍ଷା କରିବାକୁ ବଚନବଦ୍ଧ । ଭାରତର ଏଭଳି ସ୍ପଷ୍ଟ ଆଭିମୁଖ୍ୟ ଏହାକୁ ବିଶ୍ୱ ସ୍ତରରେ ସୁଦ୍ଧା ଅଧିକ ମର୍ଯ୍ୟାଦାର ଅଧିକାରୀ କରାଇଛି । ଏପରିକି ଜାତିସଂଘ ସୁରକ୍ଷା ପରିଷଦରେ ମଧ୍ୟ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ଶତାଧିକ ରାଷ୍ଟ୍ର ଅକୁଣ୍ଠ ସମର୍ଥନ ଜଣାଇ ଆସୁଛନ୍ତି । ନିଜର ବିସ୍ତାରବାଦୀ ଓ ଛଳନାପୂର୍ଣ୍ଣ କୂଟନୀତିକୁ ଆୟୁଧ କରି ଏତେ ଦିନ ରହିଆସିଥିବା ଚୀନ କିନ୍ତୁ ନିଜର ଆଭିମୁଖ୍ୟ ବଦଳାଇବାକୁ ନାରାଜ । ତେଣୁ ସୀମା ଉତ୍ତେଜନା ହ୍ରାସ ପାଇଁ ଯେତେ ପର୍ଯ୍ୟାୟ କଥାବାର୍ତ୍ତାର ଆୟୋଜନ କରାଗଲେ ସୁଦ୍ଧା ଚୀନ୍ ତା'ର ଏକତରଫା ସର୍ତ୍ତରୁ ଓହରିବାକୁ ପ୍ରସ୍ତୁତ ନୁହେଁ । ଏହି ବାସ୍ତବତାକୁ ଦୃଷ୍ଟିରେ ରଖି ଭାରତକୁ ଅନୁରୂପ ପନ୍ଥା ଅବଲମ୍ବନ କରିବା ଆବଶ୍ୟକ । କାରଣ, ଜଣେ ଅବିଶ୍ୱସ୍ତ ପ୍ରତିବେଶୀ ଠାରୁ ଭାରତ ଏକାଧିକ ବାର ପ୍ରତାରିତ ହୋଇସାରିଛି । ତେଣୁ ଯେସାକୁ ତେସା ନ୍ୟାୟରେ ନିଜର ସୀମାନ୍ତକୁ ସୁରକ୍ଷିତ ରଖିବା ସକାଶେ ରେଡ୍ ଆର୍ମିଙ୍କ ପରି ଭାରତୀୟ ସେନା ଏଲଏସିରେ ମୁତୟନ ରହିବା ହିଁ ଚୀନ ପାଇଁ କଡ଼ା ଜବାବ ।

## ଖୁସିର ସରଳ ମାର୍ଗ



ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରତ୍ୟେକ ମଣିଷ ଟିକେ ଖୁସି ଚାହେଁ । ଯଦି ତା'ର ଭାବନା ସାମାଜିକ ରୀତିନୀତିକୁ ଗ୍ରହଣ କରନ୍ତା ତେବେ ସହଜରେ ଖୁସି ହୋଇପାରନ୍ତା । ମାନବ ଜୀବନରେ ଥିବା କ୍ରୋଧ, ଲୋଭ, ଗର୍ବ, ଅହଂକାର ଏବଂ ଘୃଣାକୁ ହଟାଇ ସରଳ ସହଜ ଆଡ଼କୁ ଗତିକଲେ, ଜୀବନ ନିଶ୍ଚିତ ଭାବରେ ଖୁସିରେ ରୂପାନ୍ତରିତ ହେବ । ଏବେ ଏହି ଚିନ୍ତାଧାରା'ର ଦର୍ଶନ ବିଶ୍ୱକୁ ବ୍ୟାପିଛି । ଦୁନିଆରେ ଅଧିକ ଲୋକ ଏହି ଜୀବନ ଦର୍ଶନ ସହିତ ଯୋଡି ହେଉଛନ୍ତି । କହିବାକୁ ଗଲେ ଜଗତରେ ପ୍ରେମ, ସଂପର୍କ, ସୌହାର୍ଦ୍ଦ୍ୟର ଅଭାବ ଦେଖାଦେଇଛି । ଏହି କାରଣରୁ ଜନସାଧାରଣ ଅଧିକ ଦୁଃଖରେ ଅଛନ୍ତି । ସମସ୍ତେ ଖୁସି ଇଚ୍ଛା କରିନ୍ତି, କିନ୍ତୁ ଏହି ସୁଖ ରୂପକ ଖୁସି କେଉଁଠୁ ପାଇବେ ? ଖୁସି ଦେବାକୁ କେହି ସାହାଯ୍ୟ କରିବେ ନାହିଁ, ଏହା ହେଉଛି ସଂସାର ନୀତି । ଖୁସି ପାଇବା ପାଇଁ ଆପଣାର ଭାବ, ପାରସ୍ପରିକ ବୁଝାମଣା ଓ ବିଶ୍ୱାସର ଆବଶ୍ୟକ ରହିଛି । ନିଜେ ଖୁସି ରହି ଅନ୍ୟକୁ ଖୁସି ବଣ୍ଟନ କଲେ ଖୁସି ଚିରନ୍ତନ ହେବ ।

ଦୁନିଆରେ ଯାହା ଘଟୁଛି, ସେସବୁ ଭଗବାନଙ୍କ ଉପହାର । ବିଶ୍ୱାସ ରଖିବାକୁ ହେବ ଭଗବାନ କେହି ଜଣେ ଅଟନ୍ତି । ଗୀତାରେ କୁହାଯାଇଛି ଯାହାକୁ ଭଗବାନ ବୋଲି ବିବେଚନା କର, ସେ ପ୍ରତ୍ୟେକ ମାନବ ଶରୀରରେ ଅବସ୍ଥାନ କରିଥାନ୍ତି । ମାନବ ଜୀବନ ହେଉଛି ଏପରି ଏକ ଜୀବନ, ଯେଉଁଥିରେ ସୁଖ ଏବଂ ଦୁଃଖ ମୁହୂର୍ତ୍ତ ଅନୁଭୂତ ହୁଏ । ବେଳେବେଳେ ଲୋକମାନେ ଖୁସିରେ ଖୁସି ହୁଅନ୍ତି, ପୁଣି ସେମାନେ ଦୁଃଖରେ ମ୍ରିୟମାଣ ହୁଅନ୍ତି । ଏହି ଦୁଃଖ ଓ ସୁଖ ଜୀବନ ବଞ୍ଚିବାକୁ ପ୍ରେରଣା ଦିଏ । ଜୀବନକୁ ଅନୁଭୂତି ପ୍ରବଣ କରେ । ଦୁଃଖ ଓ ସୁଖର ଅଭିଜ୍ଞତା ସାହାଯ୍ୟରେ ପ୍ରତ୍ୟେକଟି ମଣିଷ ଜୀବନର ଗତିପଥ ଅତିକ୍ରମ କରନ୍ତି । ଲୋକମାନେ କୁହନ୍ତି ଯେ ଦୁନିଆରେ ବଞ୍ଚିବାର ମୂଲ୍ୟ କିଛି ନାହିଁ ? ସାମାଜିକ, ପାରିବାରିକ ଏବଂ ରାଜନୈତିକ ପରିସ୍ଥିତି ଏତେ ଦ୍ୱନ୍ଦ୍ୱରେ ପରିପୂର୍ଣ୍ଣ ଯେ, ଲାଗେ ଏହି ଜଗତରେ ଲୋକମାନେ କେବଳ ଦୁର୍ବିସହ ଜୀବନଯାପନ କରି ମୃତ୍ୟୁ ବରଣ କରୁଛନ୍ତି ।

ଯେଉଁ ମାନେ ସୁଖରେ ଥାଇ ଧନ ସଂଚୟ କରୁଛନ୍ତି, ସେମାନେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଉଚିତ୍ । ଏହି ଜୀବନ ଦାନର ନାମ ହେଉଛି ଭଗବାନ, ଅର୍ଥାତ୍ ଦାନ କରୁଥିବା ବ୍ୟକ୍ତି ଭଗବାନ ସଦୃଶ୍ୟ । ଗରିବମାନଙ୍କୁ ବଞ୍ଚାଇବାକୁ ପଡିବ । ଜୀବନର ପ୍ରତ୍ୟେକ ପଥରେ ଦ୍ୱନ୍ଦ୍ୱ ଛାଉଣି ହୋଇ ରହିଛି । ଏଥିପ୍ରତି ଭାବନା ରହିବା ଉଚିତ୍ । ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଇଚ୍ଛା ଖୁସିରେ ଦିନ କାଟନ୍ତା । କିନ୍ତୁ ଅନେକ କହନ୍ତି, ଜଗତରେ ବଞ୍ଚିବା ବଡ କଷ୍ଟକର । ଏହା ଏକ ମନରେ ମସ୍ତବଡ ନିରାଶା ସୃଷ୍ଟି କରେ । ଏହି ନିରାଶାର କାରଣ ଯାହା ହେଉନା କାହିଁକି ପ୍ରତ୍ୟେକଟି ମୁହୂର୍ତ୍ତ କେତେ ଜୀବନ ପାଇଁ ବିପଦ ସଙ୍କୁଳ ଦୃଶ୍ୟମାନ ହେଉଛି । ସମାଜରେ ପ୍ରତ୍ୟେକ ବ୍ୟକ୍ତି କେବଳ ସ୍ୱାର୍ଥପର ଭାବେ ବଞ୍ଚିବା ଜାଣନ୍ତି । ନିଜେ ଭଲ ଫିଟ୍ ଫାଟ୍ ହୁଅନ୍ତି, ଅନ୍ୟମାନଙ୍କ ପାଇଁ ଯାହା ଉପଯୋଗୀ ତାହା ମିଳେ ନାହିଁ । ଏବେ ଜଗତରେ ଏ ଧରଣର ବ୍ୟକ୍ତି କେବଳ ନିଜର ଅଟନ୍ତି । ନିଜ ପାଇଁ ଯତ୍ନ ନେବାରେ ଅଧିକ ଆରାମଦାୟକ ଅନୁଭବ କରିବା ଆରମ୍ଭ କରି ଦେଇଛନ୍ତି । ଆଜି ସାମାଜିକ ପରିବେଶ ମନୁଷ୍ୟର ବ୍ୟକ୍ତିଗତ ସ୍ୱାର୍ଥରେ ମୂଳ ହୋଇଥିବାର ଦେଖାଯାଉଛି । ଏପରି କୌଣସି ପଦାର୍ଥ ନାହିଁ ଯାହା ମଣିଷ ପାଇଁ ଉପଯୋଗୀ ନହୋଇପାରେ ।

ସଂସ୍କୃତି ବିଲୁପ୍ତ ହେବାକୁ ଯାଉଛି । ଏହାର କୌଣସି ଉତ୍ତର ନାହିଁ, ସମାଜର ଲୋକମାନେ ପରସ୍ପର ପାଇଁ କୌଣସି ସ୍ଥାନରେ ଠିଆ ହୋଇଥିବା ଦେଖାଯାଏ ନାହିଁ । ସାମାଜିକ ପରିବେଶ ଏପରି ବଦଳି ଯାଇଛି ଯେ କାହାରି ସହିତ କାହାର ଉତ୍ତମ ସମ୍ପର୍କ ନାହିଁ । ସମସ୍ତେ ନିଜ ନିଜର କାର୍ଯ୍ୟକୁ ନେଇ ବ୍ୟସ୍ତ । ପୂର୍ବରୁ ଲୋକମାନେ ପରସ୍ପର ପ୍ରତି ସଂପର୍କ ରଖି ବାସ କରିବାକୁ ସକ୍ଷମ ହେଉ ଥିଲେ । ସାମାଜିକ ବ୍ୟବସ୍ଥାକୁ ଆରାମଦାୟକ ଅନୁଭବ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଏହିପରି କିଛି ଦେଖାଯାଉ ନାହିଁ । ତେଣୁ ଲୋକମାନେ ସେମାନଙ୍କର ସଂପର୍କ ହରାଇଛନ୍ତି । ସେମାନେ ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ କରୁଛନ୍ତି । କିଛି ବ୍ୟକ୍ତି କେବଳ ନିଜର ସ୍ୱାର୍ଥ ପାଇଁ ଅନ୍ୟର ଦୁଃଖ ଓ ସୁଖର ଅଂଶୀଦାର ହେବା ଭଲ ବୋଲି ଭାବନ୍ତି । ଦୁର୍ଯ୍ୟୋଧନର ନିର୍ଦ୍ଦେଶନାରେ କେବଳ ଗାନ୍ଧାର ବଂଶର ଜଣେ ବ୍ୟକ୍ତି ବଞ୍ଚିରହିବାର ସୁଯୋଗ ପାଇବା ଭଳି, ଏଠାରେ ସମସ୍ତଙ୍କ ପାଇଁ ରହିବାର କୌଣସି ସୁବିଧା ନାହିଁ । ଏହି ମହଙ୍ଗା ମୁଦ୍ରାସ୍ଫୀତିରେ ଖାଦ୍ୟ ପାଇଁ ଭୋକିଲା ମଣିଷ ମାନେ କିପରି ବଞ୍ଚିବେ ? ଏବେ ସବୁ ଜିନିଷରେ ପ୍ରଦୂଷଣର ଅନୁପ୍ରବେଶ ଘଟିଛି ।

ସମସ୍ତଙ୍କ ଜୀବନ ଧାରଣ କରିବାର ଅଧିକାର ରହିଛି । ମଣିଷ ଜୀବନ ହେଉ କିମ୍ବା ସେ ପଶୁ ଜୀବନ ହେଉ । ସାମାଜିକ ବ୍ୟବସ୍ଥାର ତ୍ରୁଟି କିମ୍ବା ମନୁଷ୍ୟର କାର୍ଯ୍ୟର ଦକ୍ଷତାକୁ ନେଇ ସବୁକିଛି ପ୍ରଦୂଷଣର ଶିକାର ହେଉଛି । ଲୋକଙ୍କ ସଚେତନତା ଅଭାବ ଯୋଗୁଁ ବାୟୁ ପ୍ରଦୂଷିତ ହୋଇଛି । ଯେତେ ସଚେତନ କଲେ ମଧ୍ୟ କେତେକ ଅମାନିଆ ଅଛନ୍ତି । ପ୍ରଶାସନିକ ବା ରାଜନୈତିକ ବ୍ୟବସ୍ଥା ଯେତେ ଦୂର ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପାରେ ନାହିଁ । ଦେଶରେ ସମସ୍ତଙ୍କ ଜୀବନ ଯାପନର ଦାୟିତ୍ୱ ସରକାରଙ୍କୁ ଦିଆଯାଇଛି । କିନ୍ତୁ ରାଜନୈତିକ ବ୍ୟବସ୍ଥା ଏପରି କଳୁଷିତ, ରାଜନେତାମାନେ କେବଳ ନିଜ ସ୍ୱାର୍ଥ ଦେଖୁଛନ୍ତି । ଅନ୍ୟମାନଙ୍କ ଅବସ୍ଥା ଦେଖିବାକୁ ଚାହାଁନ୍ତି ନାହିଁ, କହିବାକୁ ଗଲେ ସେମାନଙ୍କ ବେଳ ନାହିଁ । ରାଜନୈତିକ ବ୍ୟବସ୍ଥା ସଂପୂର୍ଣ୍ଣ ସ୍ୱାର୍ଥରେ ପରିଣତ ହୋଇଛି । ବ୍ୟବସ୍ଥା ଏପରି ପାଲଟିଛି ଯେ ବଞ୍ଚିବାକୁ ରୋଜଗାର ନାହିଁ । ଅନାହାରଙ୍କ ପାଇଁ ରୁଟି ଯୋଗାଇ ଦିଆଯାଉ ନାହିଁ । ଏହା କେବଳ କେତେକଙ୍କ ସ୍ୱାର୍ଥପରତା ହେତୁ ବୃଦ୍ଧି ପାଇଛି ।

ଏବେ ସମସ୍ତେ ବୁଝି ଗଲେଣି ଓ ଚିନ୍ତା କଲେଣି । ଯେଉଁଠି କେବଳ ରାଜନୈତିକ ବା ଦଳୀୟ ସ୍ୱାର୍ଥ ପୂରଣ ହେବ, ସେ ନେଇ ରାଜନେତା ମାନେ ବ୍ୟଗ୍ର ଓ ଚିନ୍ତିତ । ଦେଶରେ ନିଜସ୍ୱ ବ୍ୟବସ୍ଥା ଅଛି, ଲୋକମାନେ କେବଳ ରାଜନୀତିକୁ ଏହି ରୂପରେ ଦେଖନ୍ତି । ଏହା ହେଉଛି ଦେଶର ଆଜିର ବ୍ୟବସ୍ଥା । ବିଜ୍ଞାନୀ ମଣିଷର ଦ୍ରୁତ ପ୍ରଗତି ଘଟୁଥିବା ବେଳେ, ଆଉ କେତେକ ଅନାହାରରେ ଜୀବନ ବିତାଉଛନ୍ତି । ସାଧାରଣ ବ୍ୟକ୍ତିଙ୍କ ଜୀବନ ଦେଖିବାକୁ କୌଣସି ଆରାମଦାୟକ ବ୍ୟବସ୍ଥା ନାହିଁ । ତେଣୁ ଲୋକଙ୍କ ଆଗ୍ରହ ବୃଦ୍ଧି ପାଇଛି ଯେ ସମସ୍ତେ କେବଳ ଜଣେ ନେତା ହୋଇ ଦୁନିଆରେ ବଞ୍ଚିବାକୁ ଚାହାଁନ୍ତି । ସମସ୍ତେ ବିତର୍କ କରନ୍ତି, ସମସ୍ତେ ଚିନ୍ତା କରନ୍ତି ଏବଂ ନିଷ୍କର୍ଷରେ କୁହନ୍ତି, ଖାଲିଟାରେ ବଞ୍ଚି ରହିବାର ମୂଲ୍ୟ କିଛି ନାହିଁ । ସତରେ ବିଶ୍ୱର ଲୋକମାନେ ସ୍ୱାର୍ଥପର ଏବଂ ବିଶ୍ୱର ଲୋକମାନଙ୍କ ମଧ୍ୟରେ ରାଜନୀତିର ଇଚ୍ଛା ସୁବିଧାଜନକ ପରି ମନେହୁଏ ।

ରାଜନେତାମାନେ ସବୁ ପ୍ରକାର ସୁବିଧା ପାଆନ୍ତି, କିନ୍ତୁ ସାଧାରଣ ଲୋକ ନୁହଁନ୍ତି । ମୁଦ୍ରାସ୍ଫୀତି, ବେକାରୀ ସମେତ ଅନେକ ପ୍ରକାରର ସମସ୍ୟା ସାଧାରଣ ଲୋକଙ୍କୁ ପ୍ରଭାବିତ କରୁଛି । ପରିବାରର ଅବସ୍ଥା ମଧ୍ୟ ଦିନକୁ ଦିନ ଖରାପ ହେବାରେ ଲାଗିଛି । ଏବେ ପରିବାରରେ ପରସ୍ପରର ଭାଇ ଓ ସମ୍ପର୍କୀୟଙ୍କୁ ଦେଖି ଖୁସି ଅନୁଭବ କରୁ ନାହାଁନ୍ତି । ଯିଏ ଦୁଃଖିତ, ସୁଖର ଇଚ୍ଛା ଅନ୍ୟମାନଙ୍କ ଠାରେ ସେ ଦେଖିପାରେ ନାହିଁ । ପାରିବାରିକ କ୍ଷେତ୍ରରେ ପିତା ପୁତ୍ରର ସଂପର୍କ ବିଚ୍ଛିନ୍ନ ମନେହୁଏ । ପୁତ୍ର ଯାହାକୁ ପିତା ଅବତାର ଦେଇଥିଲେ, ସେହି ପୁଅ ଯେତେବେଳେ ତାଙ୍କ ପାଦରେ ଠିଆ ହୁଏ, ସେ ବୁଝେ ଯେ ଈଶ୍ୱର ତାଙ୍କୁ ଏହି ଜଗତକୁ ଆଣିଛନ୍ତି ଓ ଭଗବାନ ଯାହା ସୁଖ ଦେଉଛନ୍ତି, ସେ ତାହା ପାଇଛନ୍ତି । ତାହା କେବଳ ତାଙ୍କର ଉପହାର, ଅର୍ଥାତ୍ ଈଶ୍ୱରଙ୍କ ଉପହାର । ପିତା ଦୁଃଖିତ ହୁଅନ୍ତି ପୁଅର ଦୁଃଖ ଦେଖି । କିନ୍ତୁ ପୁଅ ପିତାଙ୍କ ଦୁଃଖରେ ଜଡିତ ହେବାକୁ ଚାହେଁ ନାହିଁ । ପ୍ରତ୍ୟେକ ପରିବାରର ଏଭଳି ସମାନ ପରିସ୍ଥିତି ଦେଖାଯାଏ । (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ଲୋକଧର୍ମ ଓ ବିଶ୍ୱାସର ପ୍ରକାଶକ୍ଷେତ୍ର: ଓଷାକୋଠି



ଡକ୍ଟର ମନୋରଞ୍ଜନ ବିଷୋୟୀ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଦଶମୀ ଦିନ ବ୍ରତଧାରୀ ଓ ଭକ୍ତମାନେ ବାଦ୍ୟ, ବାଜଣା ସହ ଶୋଭା ଯାତ୍ରାରେ ଗ୍ରାମଠାକୁରାଣୀଙ୍କ ମାଜଣା ଓ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଧରି, କୋଠିସ୍ଥାନକୁ ଫେରନ୍ତି। ସେଠାରେ ଏକ ପଞ୍ଚମୁଖୀ ଓ ଏକମୁଖୀ କୁମ୍ଭ ସ୍ଥାପନ କରି ଭକ୍ତ ଏବଂ ଗାଆଣ ଭକ୍ତିପୂର୍ବକ ଦେବୀ ଆରାଧନା କରିଥାନ୍ତି। ଏହାପରେ ଗାଆଣ, ଶ୍ରୀୟା ଚଣ୍ଡାଳୁଣୀଙ୍କୁ ଆବାହନ କରିଥାନ୍ତି। ଏହି ଶ୍ରୀୟା ଚଣ୍ଡାଳୁଣୀ ଏ ଓଷାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେ ଏହି କୋଠିର ନାୟିକାଣୀ ଭାବରେ ପରିଚିତ। ସେ ଏକ ଭକ୍ତ ଦେହରେ ଆବିର୍ଭୂତା ହୋଇ ଦେବୀଙ୍କ ସ୍ଥାନ ମାଜଣା କରିଥାଏ। (ଏହି ଶ୍ରୀୟା ଚଣ୍ଡାଳୁଣୀ ହେଉଛି- ସାରଳାଙ୍କ ମହାଭାରତ ଓ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣର ଶ୍ରୀୟା, ଶବରୀ ରୂପେ ନାରାୟଣଙ୍କୁ ଓ ଚଣ୍ଡାଳୁଣୀ ଭାବେ ଲକ୍ଷ୍ମୀଙ୍କୁ ପୂଜା କରି ମୁଗ୍ଧ କରିଥିଲା।)

ଏହାପରେ ଗାଆଣ -ସର୍ବମଙ୍ଗଳା, ଶୋଭାଙ୍ଗୀ, ଜାଳ ଭାଙ୍ଗୀ, ଗଜାଭୀମ, ବାଇଧରଙ୍କୁ କୋଠି ସ୍ଥାନକୁ ଆବାହନ କରନ୍ତି। ଏହି ପାଞ୍ଚଜଣ, ଗାଆଣ ଓ ଭକ୍ତ ଗହଣରେ ବାଦ୍ୟବାଜଣା ସହ ଅନ୍ୟାନ୍ୟ ପୂଜା ଉପକରଣ ସହ ମାଟିକଳସୀ ଆଦି ନେଇ ଗଙ୍ଗାଦେବୀଙ୍କୁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ କୌଣସି ନଦୀ କିମ୍ବା ପୁଷ୍କରିଣୀ ପାଖରେ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରି, ଗଙ୍ଗାଦେବୀଙ୍କୁ ଆବାହନ ପୂର୍ବକ ସେହି ଜଳରେ ଗୁଆ, କଉଡ଼ି ଓ ତମ୍ବାପଇସା ନିକ୍ଷେପ କରିବା ସହ ତିନିଗୋଟି ନୂତନ କୁମ୍ଭରେ ଜଳ ଧରି କୋଠି ନିକଟକୁ ଫେରିଥାନ୍ତି। ଏହି ଅବସରରେ ଗଜାଭୀମ ଏକ ବାଉଁଶ ତାଟରେ ବାଲିଧରି ଆସିଥାନ୍ତି। କୋଠି ଜାଗାଟି ବିଭିନ୍ନ ପ୍ରକାର ଫୁଲ, ଆମ୍ବତୋରଣ ଆଦିରେ ଖୁବ୍ ସୁନ୍ଦର ଭାବରେ ସଜାଯାଇଥାଏ। କୁମ୍ଭଗୁଡ଼ିକୁ କୋଠି ନିକଟରେ ସ୍ଥାପନ କରି ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରାଯାଏ ଏବଂ ଏହି କୁମ୍ଭଗୁଡ଼ିକରେ ଗୁଆ, କଉଡ଼ି, ତମ୍ବା ପଇସା ଆଦି ରଖାଯାଇଥାଏ। ଏହି କୁମ୍ଭ ଆଗରେ ଏକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଏ। ଏହି ଦୀପଟି ଓଷା ଆରମ୍ଭ ଦଶମୀଠାରୁ ପୂର୍ଣ୍ଣିମା ଯାଏ, ଛଅଦିନ ଅହୋରାତ୍ର ଜଳାଇ ରଖାଯାଏ। ଚିତ୍ରିତ ଦେବୀପୀଠରେ ଚାଙ୍ଗୁଡ଼ିରେ ଦେବୀ ନିର୍ମାଣ କରି ଅଙ୍ଗରୋପଣ କ୍ରିୟା କରାଯାଏ ଏବଂ ଗୋଟିଏ ନୂତନ ହାଣ୍ଡିରେ ମୁଗ, ବିରି, ସୋରିଷ, ରାଶି, ଧାନ, କାନ୍ଦୁଲ ଏଭଳି ବାରପ୍ରକାର ଶସ୍ୟ ଭାଜି; ଅଙ୍କୁରାରୋପଣ କର୍ମ ବନ୍ଦ ରହେ। କାରଣ ଏକାଦଶୀ ତିଥି ହେଉଛି ନିଷ୍ଫଳା ତିଥି। ଦ୍ୱାଦଶୀଦିନ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ହୁଏ। ଦେବଦେବୀ ଆବାହନ ସମୟରେ ଗାଆଣ ଏକ ଗମ୍ଭାରୀ କାଠ ନିର୍ମିତ ପିଢ଼ାରେ ବସି ମଙ୍ଗଳା ଏବଂ ଅନ୍ୟାନ୍ୟ ଦେବଦେବୀଙ୍କୁ ବନ୍ଦନା କରି, ଆବାହନ କରିଥାଏ। ଏଭଳି ଆବାହନ ଫଳରେ କେତେକ ଭଲମନ୍ଦ କଥା କହିଥାନ୍ତି। ଏହି ଦେବଦେବୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟ କରିବା ସହ, କେହି କେହି ଗାଆଣକୁ ବିଭିନ୍ନ ପ୍ରକାର ପୁରାଣ ସମ୍ବଳିତ ପ୍ରଶ୍ନ କରିଥାନ୍ତି। ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଗାଆଣ ଗୀତ ମାଧ୍ୟମରେ ବୁଝାଇଥାଏ। ଏଭଳି ପ୍ରଶ୍ନୋତ୍ତର ରାତିତମାମ ଚାଲିଥାଏ। ଏହାପରେ ପ୍ରତିପଦା ଦିନ ବିସର୍ଜନ ଉତ୍ସବ ଅନୁଷ୍ଠିତ ହୁଏ। ଏହି ବିସର୍ଜନ ଅବସରରେ ଗାଆଣ ଜଣେ ବ୍ୟକ୍ତି ଦେହରେ ମା'ମଙ୍ଗଳାଙ୍କୁ ଉଭା କରାଇଥାଏ। ମା'ମଙ୍ଗଳା ଗାଆଣକୁ ପାନ ଓ ହଳଦୀ ମାଗିଲେ ଗାଆଣ ଜଳନ୍ତା ବଳିତା ଓ ଘୋଡ଼ା ବିଛୁଆତି ଦେଇଥାଏ। ମା'ମଙ୍ଗଳା ଏହି ବଳିତାକୁ ଆନନ୍ଦ ସହକାରେ ପାଟିରେ ପୁରାଇବା ଓ ବିଛୁଆତି ଦେହରେ ଲେପନ କରିବା ଭଳି ଦୁଃସାଧ କାର୍ଯ୍ୟ ଅଚିରେ କରିଥାନ୍ତି। ଏହାପରେ ଗାଆଣ ଅଗ୍ନିକୁମାରୀଙ୍କୁ ଆବାହନ କରିଥାଏ। ଅଗ୍ନିକୁମାରୀ ଅଗ୍ନିପୂଜା କରି ଅଗ୍ନି ଉପରେ ଚାଲିଥାନ୍ତି। ଏହି ଅବସରରେ ଭକ୍ତମାନେ ମଧ୍ୟ ଏହି ଅଗ୍ନିରେ ଚାଲିଲା ଭଳି ଅଦ୍ଭୁତ କାର୍ଯ୍ୟ କରିଥାନ୍ତି। ଏଭଳି ଦୁଃସାଧ କାର୍ଯ୍ୟ କରିସାରିଲା ପରେ ବିସର୍ଜନ ପାଇଁ ଭକ୍ତମାନେ ସମସ୍ତ କୁମ୍ଭ, ହାଣ୍ଡି, ଢ଼ଣ, କୁଲା, ଗଜାଙ୍କୁର ତାଟ ମୁଣ୍ଡରେ ଧାରଣ କରି ବାଦ୍ୟବାଜଣାର ତାଳେ ତାଳେ ଗ୍ରାମ ପରିକ୍ରମା କରି ଶୋଭାଯାତ୍ରାରେ ନଦୀକୁ ଯାଆନ୍ତି। ଏହି ଅବସରରେ ନଦୀତୁଠରୁ ବାଲି ଚାଙ୍ଗୁଡ଼ି ଆଣିଥିବା ଗଜାଭୀମ ହିଁ ବିସର୍ଜନ ଅବସରରେ ମଧ୍ୟ ସେହି ଦେବୀ ଦ୍ୱାରା ପ୍ରସ୍ତୁତ ଅଙ୍କୁରାରୋପଣ ଗଜା ଚାଙ୍ଗୁଡ଼ିକୁ ମୁଣ୍ଡରେ ଧାରଣ କରି ଶୋଭାଯାତ୍ରାରେ ବାହାରିଥାନ୍ତି।


ଏହି ଅବସରରେ ନଦୀ ବା ପୁଷ୍କରିଣୀ ତୁଠରେ ଯଥାବିଧି ପୂଜାକାର୍ଯ୍ୟ କରାଯାଇ ସମସ୍ତ କୁମ୍ଭ, ତାଟ, ଗଜା ଆଦିକୁ ବିସର୍ଜନ କରି ମା'ମଙ୍ଗଳାଙ୍କୁ ଧ୍ୟାନପୂର୍ବକ ସ୍ନାନ ସାରି ଗୃହକୁ ଫେରିଥାନ୍ତି ଏବଂ ଏହି ବିସର୍ଜନ ଉତ୍ସବ ଦିନ ମଙ୍ଗଳାଙ୍କ ପାଦଦେଶରେ ପୋତାଯାଇଥିବା ଗୁଆକୁ ସନ୍ତାନକାମୀ ଭକ୍ତକୁ ପ୍ରଦାନ କରାଯାଇଥାଏ। ତା'ପରଦିନ ଏହି କୋଠିସ୍ଥଳ ଶୀତଳ କରାଯାଏ। ଏଭଳି ଭାବରେ ଏହି ଓଷାକୋଠି ବ୍ରତ ପାଳନ କରାଯାଇଥାଏ।

ବାସ୍ତବିକ କହିବାକୁ ଗଲେ ଏହି ଓଷାକୋଠି ଉପାସନା ପରମ୍ପରା କୌଣସି ଏକେଶ୍ୱରବାଦ ବା ପଞ୍ଚଦେବବାଦର ଅନୁକରଣରେ ଗଢ଼ିଉଠିନାହିଁ। ଏହି ଉପାସନା ମଧ୍ୟରେ ତେତିଶି କୋଟି ଦେବତାଙ୍କ ଆବାହନ ଓ ଉପାସନା କରାଯାଏ। ଏହା ହେଉଛି ଦେବୋପାସନାର ଏକ କୋଠି। ଏଥିରେ ସ୍ଥାନ ପାଇଥିବା ମୂର୍ତ୍ତି, ଭିତ୍ତିଚିତ୍ର, ସିଂହାସନ ଆଦି କୌଣସି ଶାସ୍ତ୍ରାନୁମୋଦିତ ନୁହେଁ। ଏହି ଉପାସନରେ ପୂଜକ, ଶ୍ରୀୟା ଚଣ୍ଡାଳୁଣୀ, ଉଦ୍‌ଗାତା ଓ ଗାଆଣ। ଏହି ଉପାସନାର ମହାତ୍ମ୍ୟ ଏଭଳି ଯେ, ଏହି ପୂଜାର ଆରାଧନାର ଭଜାଶସ୍ୟ ଗଜାହୁଏ, ଖାଲିପାଦରେ ନିଆଁରେ ଚାଲିହୁଏ ଏବଂ ଦେବଦେବୀଙ୍କ ଆବେଶ ଅବସରରେ ଆଗତ ଭବିଷ୍ୟତ ଜାଣିହୁଏ। ବିଚିତ୍ର ଏ ଆରାଧନା ପରମ୍ପରା। ମୋଟାମୋଟି ଭାବରେ କହିଲେ ବୈଦିକ, ତାନ୍ତ୍ରିକ ଓ ଲୌକିକ ଉପାସନା ପଦ୍ଧତିର ଏକ ସମ୍ମିଳିତ ରୂପ ହେଉଛି ଏହି ଓଷାକୋଠି ଉପାସନା ପରମ୍ପରା। (ସମାପ୍ତ)


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ


### କବିତା କୋଣାର୍କ

## ହେ ପ୍ରତିଭା ତୁମେ ଅତୁଳନୀୟ....



ବିଜୟଲକ୍ଷ୍ମୀ ପାଣିଗ୍ରାହି

ଅତୁଳନୀୟ ହେ ସ୍ୱର୍ଣ୍ଣିମ ପ୍ରତିଭା
ନିଷ୍କପଟ କର୍ମ ବୀର
ଭାରତର ରତ୍ନ ଦକ୍ଷ ଯୁବନେତା
ବ୍ରତୀ ତୁମେ ଅହିଂସାର।

ଅକ୍ଟୋବର ଦୁଇ ପବିତ୍ର ଦିବସେ
ସୁଯୋଗ୍ୟ ସନ୍ତାନ ହୋଇ
ଶାରଦା ଓ ରାମ ଦୁଲାରୀଙ୍କ କୋଳେ
ଜନ୍ମିଲ ଭାରତ ପାଇଁ।

ଅଭାବ କଷଣ ରୋକି ପାରିଲାନି
ଲଙ୍ଘିଲ ଦୁର୍ବାର ପଥ
ପିତାଙ୍କ ବିୟୋଗେ ଦୃଢ଼ ହେଲା ହିଆ
ବନ୍ଦିଲା ସାରା ଜଗତ।

ସ୍ୱାଭିମାନୀ ତୁମେ ଅର୍ଥର ଅଭାବେ
ଗଙ୍ଗା ନଦୀ ପହଁରିଲ।

କାଶୀ ବିଦ୍ୟାପୀଠେ ସ୍ନାତକ ଲଭିଣ
ଶାସ୍ତ୍ରୀ ପଦ ଲବ୍ଧ ହେଲ।

ବ୍ରତେ ଥିଲା ତୁମ ସତ୍ୟ ଓ ନିଷ୍ଠତା
ଧନରେ ନ ଥିଲା ମୋହ
ଦୟା କ୍ଷମା ଥିଲା ଶାନ୍ତ ସ୍ୱଭାବରେ
ପର ଦୁଃଖେ ଉଠେ କୋହ।

ଭାରତ ରତ୍ନରେ ହେଲ ବିଭୂଷିତ
ନିଷ୍କପଟ କର୍ମବୀର
ଅହିଂସାର ବ୍ରତୀ ହେ ପରମ ଜ୍ୟୋତି
ବନ୍ଦ୍ୟ ତୁମେ ଜଗତର।

ଜୟ ଯବାନ ଓ ଜୟ କିଷାନର
ନାରାରେ ଭରିଲ ଛାତି
ଦେଶ ପ୍ରଗତିରେ ଶାନ୍ତିଦୂତ ସାଜି
ପ୍ରବାହିଲ ଦେଶ ପ୍ରୀତି।

ହେ ବୀର ସୈନିକ ସ୍ତୁତିର ସ୍ତବକ
ଅମ୍ଳାନ ଅକ୍ଷତ ଜ୍ୟୋତି
ସୀମା ସୁରକ୍ଷାର ସଫଳ ସାରଥୀ
କୋଟି ବୀର୍ଯ୍ୟ ଶୌର୍ଯ୍ୟ ଶକ୍ତି।

ଦ୍ୱିତୀୟ ପ୍ରଧାନ ମନ୍ତ୍ରୀ ହୋଇଥିଲ
ସ୍ୱାଧୀନ ଭାରତେ ଆମ
ରେଳ ମନ୍ତ୍ରୀପଦ ତ୍ୟାଗ କରିଥିଲ
ଦେଶ ହିତେ କରି କାମ।

ସ୍ୱଚ୍ଛ କ୍ଷମତାରେ ମହକାଇ ଦେଲ
ଶେଫାଳିର ସମ ବାସ
ତାସ୍କେଣ୍ଟ ଚୁକ୍ତି ହେଲା ସିନା କାଳ
ଝୁରୁଛି ତୁମକୁ ବିଶ୍ୱ।


+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
(ମୋ) ୮୨୪୯୪୫୦୦୫୦


## ମାଟି

ପ୍ରଜ୍ଞା ପରିମିତା ଆଚାର୍ଯ୍ୟ

ମାଟିରୁ ମାଟିଯାଏଁ ଯଦି ଲମ୍ବିଛି
ଜୀବନର ସ୍ୱର, ତେବେ
ଜୀବନଟା ମାଟି ନୁହେଁତ କଣ ?
ତା ପାଇଁ ସ୍ପନ୍ଦନ, ତା ପାଇଁ ସୃଷ୍ଟି
ତା ପାଇଁ ସବୁଜିମା,
ଆଉ ଯେତେକ ଅଂକୁରୋଦଗମ ।
ତା'ର ଗର୍ଭରେ ସବୁ ହୀରା ଲୀଳା
ତା ଦେହରେ ଏପାଖେ ଶୀତଳ
ଜଳଧାର ତ
ଆରପାଖେ ଲାଭର ପ୍ରଳୟ ।

ସେ ମାଟି ବୋଲି ତ
ଅବିରତ ଜୀବନର ପୁଣ୍ୟଶ୍ଳୋକ ଗାଏ,
ଯେବେ ପାଦଥାପେ ଏଇ ଇଲାକାରେ
ଶାନ୍ତିର ମହାମନ୍ତ୍ର ବୁଣେ
ତା ପାଉଁଜିର ରୁଣୁ ଝୁଣୁ ସ୍ୱରେ ।
ସେ ନଈ ହୋଇ ବହିଯାଏ
ଝରଣାରେ ଝରିଯାଏ, ଦୀପ ହୋଇ
ଜଳିଯାଏ,
ପବନରେ ସଂଚରି ଯାଏ
ପ୍ରାଣ ରୁ ପ୍ରାଣକୁ ।

ସେ ମାଟି ବୋଲି ତ ଧୈର୍ଯ୍ୟର
ପାହାଡ଼ଟିଏ,
ମମତାର ସଗାରଟିଏ,
ସେ ମାଟି ବୋଲିତ
ନିତି ତେଜିପାରେ ନିଜ ସୁଖ
କେବେ ସ୍ୱର୍ଗର ଇନ୍ଦ୍ରପଦ ତ କେବେ
ପାତାଳର ଅଧିପତି ପଦ ।
କେବେ ଜୀବନ ତ କେବେ ସ୍ୱପ୍ନ ।
ହେଲେ ତା ଛାତିରେ ଭରିଛି
ଆମଲାଗି ସଞ୍ଚିତ ଗୁପ୍ତଧନ ।

ତା ଦେହରୁ ମୁକ୍ତା ସବୁ ଝରେ
ତା ପ୍ରଶ୍ୱାସରୁ ମୋତି
ସାରା ବ୍ରହ୍ମାଣ୍ଡର ଜୀବନ ନାଟିକା
ତା ପାଶେ ଲେଖା
ହଁ ସେ ମାଟି, ସୃଷ୍ଟି ଆରମ୍ଭରୁ ଶେଷ
ଯାଏ
ଚେଇଁଥିବା ପ୍ରହରୀ ସେ ।
ବାଣ୍ଟି ଚାଲେ ସୁଖ, ସ୍ୱପ୍ନ ଆଉ ସମ୍ଭାବନା
ଆଶାର ସୁନେଲି କିରଣ,
ପ୍ରେମ ଆଉ ମମତାର ଗଙ୍ଗା ।

ହଁ ସେ ମାଟି ବୋଲି ତ
ମୂର୍ଚ୍ଛିପାରେ ସବୁ ଆତ୍ମସୁଖ
ମୂର୍ଚ୍ଛି ପାରେ ନିଜ କ୍ଷୁଧା ତୃଷ୍ଣା
ନିଜ ଆକାଂକ୍ଷିତ କାଲିର ସକାଳ ।
ସେ ମାଟି ବୋଲି ତ ଚିରକାଳ ମୌନ,
ତେବେ ବି ପ୍ରସନ୍ନ ମୁକ୍ତ ହସ୍ତା,
ଅହରହ ଧ୍ୟାନସ୍ଥ ଯୋଗିନୀ
ହେଲେ ତା ପ୍ରାପ୍ୟର ଯେତେ ପୁଣ୍ୟଫଳ
ବିଛାଡି ଦିଏ ଏଇ ପୃଥିବୀରେ,
ଆମ ଅଗଣାରେ ।


+ ବିକାଶ ନଗର, ବାଦାମବାଡ଼ି
କଟକ
(ମୋ)୯୭୭୮୭୬୬୩୩୫


## ଅରିନ୍ଦମ ଦାସ ରିପୋର୍ଟିଂ

ତପନ ମାଝୀ

ସେପଟେ ବ୍ୟସ୍ତ ରୁଟିନ ଲାଇଫକୁ
ଏପଟେ ମୋ ତେଲଲୁଣ ସଂସାରର
ଦହଗଞ୍ଜ ଭିତରେ ତୁ ଯେବେ
ନିତି ସତେଜ ସକାଳର
ତାଜା ଚା'କପ ସାଥେ
ବାଢ଼ୁଥାଉ ତୋ' ବ୍ରେକିଙ୍ଗ ନ୍ୟୁଜ !
ନା.... ଖରା, ନା... ବର୍ଷା,
ନା...ଶୀତ କାକରର ଖାତିର....ବରଂ
ବେଖାତିର ଭାବର କେତେଟା
ଶବ୍ଦ ଫିଙ୍ଗିଦେଉ (......
......)କ୍ୟାମେରାମ୍ୟାନ ସାଥେ
"ଅରିନ୍ଦମ ଦାସ ରିପୋର୍ଟିଂ।"
ନୀରବ ଛାତିରେ ଦଲକାଏ
ଜୀବନ ପଶେ,ଶିରା ରକ୍ତ ଟାଣେ
ନରମ ମେରୁଦଣ୍ଡ ସଲଖିବାର
ଦମ ଖୋଜେ।
ହେଲେ ତୋ ଅଜବ ରିପୋର୍ଟିଂ ପାଇଁ
ଭୂମି ଛାଡି ଭୂମା ଆଡେ ଧାଇଁଲୁ ଯେ
ନିରବିଯାଇଛି ତୋ ବ୍ୟସ୍ତ ନିହାଣସ୍ୱର
ଖାଁ... ଖାଁ...ଖବର ଆକାଶ।
ସ୍ୱାର୍ଥରେ ଧୂପ-ଦୀପ ଜାଳିଲେ
କି ଫୁଲ-ଚନ୍ଦନ ଅର୍ପିଲେ
ଉଡିଗଲା ପକ୍ଷୀ କ'ଣ
ନିଡଫେରନ୍ତାର ସ୍ୱପ୍ନ ଦେବ
ନିରବିଥିବା ଶାରୀ କେବେ କ'ଣ
ରାମନାମ ଗାଇବ ନା
ତୁ କହିବୁ "ଅରିନ୍ଦମ ଦାସ ରିପୋର୍ଟିଂ"।
ତଥାପି ବିଶ୍ୱାସ ତୁ ଫେରିବୁ
ଏଇ ଯେମିତି ପକ୍ଷୀ ଫେରୁଛି
ପବନ ଫେରୁଛି,ଆତ୍ମା ଫେରୁଛି
ଅବତାରର ଅବତରଣ ହେଉଛି
ତା ହେଲେ...
ଆଉଥରେ ତୁ କାହିଁକି ନୁହେଁ....
ଏମିତି କିଏ କ'ଣ ଯାଏ
ପ୍ରଭୁପଣକୁ ଏତେ କଳଙ୍କ ଦେଇ...
(.... ?)"ଅରିନ୍ଦମ ଦାସ ରିପୋର୍ଟିଂ "।


+ କାନାରା ବ୍ୟାଙ୍କ
ଆରକଣ୍ଣୋନାମ, ତାମିଲନାଡୁ-
୬୩୧୦୦୧
(ମୋ)୭୨୦୫୪୭୦୦୭୦

# ଆଲିଆଙ୍କ ଡବଲ୍ ଧମାକା



ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଅଭିନୀତ ସଞ୍ଜୟଲୀଲା ଭନ୍ସାଲୀଙ୍କ ନୂଆ ଚଳଚ୍ଚିତ୍ର 'ଗଙ୍ଗୁବାଈ କାଠିଆୱାଡ଼ି' ୨୦୨୨ ଜାନୁଆରି ୬ ତାରିଖରେ ରିଲିଜ୍ ହେବ। ଜୟନ୍ତୀଲାଲ ଗଡା ଓ ସଞ୍ଜୟଲୀଲା ଭନ୍ସାଲୀଙ୍କ ମିଳିତ ପ୍ରଯୋଜନାରେ ଏହା ନିର୍ମିତ ହୋଇଛି। 'ଗଙ୍ଗୁବାଈ କାଠିଆୱାଡ଼ି' ଏକ ବାସ୍ତବ କାହାଣୀ ଆଧାରରେ ତିଆରି ହେଇଛି। ଲକ୍‌ଡାଉନ୍ ଯୋଗୁଁ ଅଟକି ରହିଥିବା ଅନେକ ସିନେମା ଚବିଶ ଘଣ୍ଟା ଭିତରେ ସେମାନଙ୍କର ରିଲିଜ୍ ତାରିଖ ନିର୍ଦ୍ଧାରିତ କରିଛନ୍ତି, ହେଲେ ଭନ୍ସାଲୀ ଏହି ଦୌଡ଼ରୁ ପାଦ କାଢ଼ି ନେଇଛନ୍ତି। କାରଣ ସେ ଦର୍ଶକଙ୍କ ମନୋଭାବକୁ ପରଖୁଛନ୍ତି।

ସେମିତି ଦକ୍ଷିଣୀ ସିନେମାର ଏକ ନମ୍ବର ନିର୍ଦ୍ଦେଶକ ଏସ୍.ଏସ୍. ରାଜାମୌଳୀ ମଧ ବେଶ୍ କିଛିଦିନ ହେବ ତାଙ୍କ ନୂଆ ଚଳଚ୍ଚିତ୍ର 'ଆରଆରଆର'କୁ ନେଇ ବ୍ୟସ୍ତ ରହିଛନ୍ତି। ତାଙ୍କୁ ମଧ କୋଭିଡ୍ ସଂକ୍ରମଣର ଲହର ପାଇଁ ଅଟକି ରହିବାକୁ ପଡ଼ିଛି। ରାଜମୌଳୀ ତାଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଆରଆରଆର'କୁ ୨୦୨୨ରେ ରିଲିଜ୍ କରିବେ ବୋଲି ଘୋଷଣା କରିଛନ୍ତି। ଭନ୍ସାଲୀଙ୍କ 'ଗଙ୍ଗୁବାଈ କାଠିଆୱାଡ଼ି' ୨୦୨୨ ଜାନୁଆରି ୬ ତାରିଖରେ ରିଲିଜ୍ କରୁଥିବା ବେଳେ ଠିକ୍ ପରଦିନ ଅର୍ଥାତ୍ ଜନୁଆରି ୭ ତାରିଖରେ ପ୍ରେକ୍ଷାଳୟକୁ ଆସିବ ରାଜମୌଳୀଙ୍କ 'ଆରଆରଆର'। ଏଥିରେ ରାମଚରଣ ଓ ଜୁନିୟର ଏନ୍‌ଟିଆର ମୁଖ୍ୟ ଭୂମିକାରେ ଥିବା ବେଳେ ଆଲିଆ ଭଟ୍ଟ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ଏଇ ଚଳଚ୍ଚିତ୍ରରେ ଅଜୟ ଦେବଗନ୍, ଅଲିଭିଆ ମରିସ୍ ଏବଂ ନାୟିକା ଭୂମିକାରେ ଅଛନ୍ତି ଆଲିଆ ଭଟ୍ଟ।

## ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚାଲ ଟିକେ ପ୍ରେମ କରିବା'

ମୁକ୍ତିଲାଭ ପୂର୍ବରୁ ଗେଟ୍ ଟୁଗେଦର। ଭୁବନେଶ୍ୱରର ପ୍ରେସ୍ କ୍ଲବ୍ ପରିସରରେ କଳାକାର ଓ ଟେକନିସିଆନମାନେ ଏକାଠି ହୋଇ ଚଳଚ୍ଚିତ୍ର ନିର୍ମାଣର ଅଭିଜ୍ଞତାକୁ ନେଇ ନିଜ ନିଜର ଅନୁଭୂତି ଆଦାନପ୍ରଦାନ କରିଥିଲେ। ଦେବକୀ ଫିଲ୍ମସ୍ ବ୍ୟାନରରେ ନିର୍ମାଣ ହୋଇଛି ପ୍ରଡକ୍ସନ୍ ହାଉସର ଦ୍ୱିତୀୟ ଚଳଚ୍ଚିତ୍ର 'ଚାଲ ଟିକେ ପ୍ରେମ କରିବା'। ଏହାର ପ୍ରଯୋଜନା କରିଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ। କାହାଣୀ ଦୀପକ ସାହୁ ପରିକଳ୍ପନା କରିଥିବା ବେଳେ ସଂଳାପ ଲେଖିଛନ୍ତି ଆଶୁତୋଷ ବାରିକ। ଚଳଚ୍ଚିତ୍ରର ଚିତ୍ରନାଟ୍ୟ ପ୍ରସ୍ତୁତି ସହ ନିର୍ଦ୍ଦେଶନା ଦେଇଛନ୍ତି ସରୋଜକାନ୍ତ। ବିଭୂତି ଭୂଷଣଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ୍ ସାଗର, ତପୁ ମିଶ୍ର, ପ୍ରଜ୍ଞା ହୋତା, ସତ୍ୟଜିତ, ଅଭିଜିତ ମଜୁମଦାର ଓ ଅଭିଜିତ ମିଶ୍ର। ହାସ୍ୟରସାତ୍ମକ ପୃଷ୍ଠଭୂମିରେ ଗଢ଼ିଉଠିଥିବା ଏଇ ପ୍ରେମ କାହାଣୀର ନାୟକ ଦେବରାଜ ଏବଂ ନାୟିକା ସାଜିଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ। ଦେବରାଜ ଓ ଚିନ୍ମୟୀ ପୂର୍ବରୁ 'ତୋ ପ୍ରେମରେ ପଡ଼ିଲା ପରେ' ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏମାନଙ୍କ ସହ ଲିପ୍‌ସା, ପ୍ରଜ୍ଞା, ଗୁଡ୍ଡୁ, ସୁଶୀଲ, ଲକ୍ଷ୍ମୀପ୍ରିୟା, ରବି, ଭବାନୀ, ସରୋଜ ବଳ, ଦିବଂଗତ ସଲିଲ୍ ମିତ୍ର, ପୁପିନ୍ଦର, କାଳୀଚରଣ, ରଞ୍ଜିତା, ବୀରେନ ଓ ଗୁଲୁଆ ପ୍ରମୁଖ ଭିନ୍ନ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିଛନ୍ତି।




## ବନିତାଙ୍କ ଘରବାହୁଡ଼ା



ନିର୍ଦ୍ଦେଶକ ସୁଜିତ ସିର୍କାର ପୁଣି ଅଭିନେତ୍ରୀ ବନିତା ସାନ୍ଧୁଙ୍କୁ ବଡ଼ପରଦାକୁ ଫେରାଇଛନ୍ତି। ସର୍ଦ୍ଦାର ଉଦ୍ଧାମ ସିଂହଙ୍କର ଜଣେ ପଞ୍ଜାବୀ ବାନ୍ଧବୀ ଥିଲେ ଯାହାର ନାଁ ରେଶମା। ଅବଶ୍ୟ କିଛିଦିନର ବନ୍ଧୁତା ପରେ ସେ ଉଦ୍ଧାମଙ୍କଠାରୁ ଦୂରେଇ ଯାଇଥିଲେ। ଜାଲିୱାନାୱାଲାବାଗରେ ବ୍ରିଟିଶଙ୍କ ଦ୍ୱାରା ଉଦ୍ଧାମଙ୍କ ହତ୍ୟା ଆଜି ବି ରହସ୍ୟ ଘେରରେ ରହିଛି। ତେବେ ବି ସିର୍କାର ଏହର ସତ୍ୟ ଉନ୍ମୋଚନ କରିବାକୁ ପ୍ରୟାସ କରିଛନ୍ତି। ବରୁନ୍ ଧାୱନଙ୍କ ବିପକ୍ଷର ନାୟିକା ସାଜିଥିବା ବନିତା ସାନ୍ଧୁ ଉଦ୍ଧାମଙ୍କ ବାନ୍ଧବୀ ଭୂମିକାରେ ଅବତୀର୍ଣ୍ଣ ହେଇଛନ୍ତି। ଏହା ସିର୍କାରଙ୍କୁ ଚଳଚ୍ଚିତ୍ରରେ ରୋମାଣ୍ଟିକ୍ ସିକ୍ୱେନ୍ସ ପାଇଁ ଖୋରାକ୍ ଯୋଗାଇଛି।

ବ୍ରିଟିଶ୍ ଭୂଖଣ୍ଡରେ ଜନ୍ମ ହେଇଥିଲେ ବି ବନିତା ଭାରତୀୟ ବଂଶୋଦ୍ଭବ। ଏବେ ସେ ଜଣେ ପଞ୍ଜାବୀ ଝିଅ ଭୂମିକାରେ ଅଭିନୟ କରିବା ଇଣ୍ଡଷ୍ଟ୍ରି ଲୋକଙ୍କୁ ଚିକିତ କରିଛି। ବନିତା ହିନ୍ଦୀ କହିବେ ନା ପଞ୍ଜାବୀ ଭାଷାରେ କଥା କହିବେ ଏହାକୁ ନେଇ ନିର୍ଦ୍ଦେଶକ ସିର୍କାର ଅଡୁଆରେ ପଡ଼ିଛନ୍ତି। ଅତୀତରେ ତାମିଲ ଚଳଚ୍ଚିତ୍ର 'ଅଜୁନ ରେଡ୍ଡୀ'ରେ ଅଭିନୟ କରିବା ବେଳେ ବନିତା ସମାନ ସମସ୍ୟାର ସମ୍ମୁଖୀନ ହେଇଥିଲେ। ଏଥିରୁ ଜଣାପଡୁଛି ବନିତା ଯେଉଁ ଭୂମିକାରେ ମଧ ଅବତୀର୍ଣ୍ଣ ହୁଅନ୍ତୁ ସେ ସିନା ଅଭିନୟ କରିବେ, କିନ୍ତୁ ତାଙ୍କ ପାଇଁ ବଲିଉଡ୍ ହେଉ ବା ଅଞ୍ଚଳିକ ସିନେ ଇଣ୍ଡଷ୍ଟ୍ରିର ପଫେସନାଲମାନେ ଭଏସ୍ ଦେବେ।

## ମହାକାଶରେ ପ୍ରଥମ ଚଳଚ୍ଚିତ୍ର ସୁଟିଙ୍ଗ ଶେଷ କରି ପୃଥିବୀକୁ ଫେରିଲେ ରୁଷୀୟ ଟିମ୍



ପ୍ରଥମ ଥର ପାଇଁ ମହାକାଶରେ ଏକ ଚଳଚ୍ଚିତ୍ରର କେତୋଟି ଦୃଶ୍ୟାବଳୀ ସୁଟିଙ୍ଗ୍ ଶେଷ କରିଥିବା ଜଣେ ରୁଷୀୟ ଅଭିନେତ୍ରୀ ଏବଂ ନିର୍ଦ୍ଦେଶକ ଗତରାତି ୧୨.୩୫ରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଯଦି ଏହି ପ୍ରକଳ୍ପ ଅଗ୍ରଗତି କରେ, ତେବେ ଏହି ରୁଷୀୟ ଚଳଚ୍ଚିତ୍ର ଟିମ୍ ଗତବର୍ଷ ହଲିଉଡ୍ ଘୋଷଣା କରିଥିବା ପ୍ରକଳ୍ପକୁ ପ୍ରତିହତ କରିବ। 'ମିସନ୍ ଇମ୍ପସିବଲ୍'ର ଅଭିନେତା ଟମ୍ କ୍ରୁଜ୍, 'ନାସା' ଏବଂ 'ଏଲନ ମସ୍କ'ର 'ସ୍ପେସ୍‌ଏକ୍ସ'କୁ ନେଇ ଚଳଚ୍ଚିତ୍ର ସୁଟିଙ୍ଗ୍ କରାଯିବ ବୋଲି ଗତବର୍ଷ ହଲିଉଡ୍ ଘୋଷଣା କରିଥିଲା। 'ଦି ଚାଲେଞ୍ଜ୍' ଚଳଚ୍ଚିତ୍ରର କେତୋଟି ଦୃଶ୍ୟାବଳୀର ଚିତ୍ରତ୍ତୋଳନ ନିମନ୍ତେ ଏ ମାସ ପ୍ରାରମ୍ଭରେ ପୂର୍ବତନ ସୋଭିଏତ୍ ଦେଶର କାଜାଖସ୍ତାନରେ ଥିବା 'ବୈକୋନୁର କସ୍ମୋଡ୍ରୋମ୍'ରୁ ୩୭ ବର୍ଷୀୟ ଅଭିନେତ୍ରୀ ୟୁଲିୟା ପେରେସିଲ୍ଡ୍ ଏବଂ ୩୮ ବର୍ଷିୟ ନିର୍ଦ୍ଦେଶକ କ୍ଲିମ୍ ସିପେଙ୍କୋ ରକେଟ୍ ଯୋଗେ ଶୂନ୍ୟରେ ଥାଇ ପୃଥିବୀ ପରିକ୍ରମା କରୁଥିବା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରକୁ ଯାଇଥିଲେ। ଏହି ଚଳଚ୍ଚିତ୍ରର କଥାବସ୍ତୁ ଏବଂ ବ୍ୟୟ ଅଟକଳ ଗୁପ୍ତ ରଖାଯାଇଥିଲେ ମଧ କୁହାଯାଉଛି ଯେ, ଜଣେ ମହାକାଶଚାରୀଙ୍କୁ ରକ୍ଷା କରିବା ଲାଗି ଜଣେ ଶଲ୍ୟ ଚିକିତ୍ସିକାଙ୍କୁ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'କୁ ପଠାଯିବା ଘଟଣାକୁ କେନ୍ଦ୍ର କରି ଏହି ଚଳଚ୍ଚିତ୍ରର କଳ୍ପନା କରାଯାଇଛି। ସେମାନେ ଏଥିପାଇଁ ମହାକାଶରେ ୧୨ ଦିନ ବିତାଇଛନ୍ତି। ପୂର୍ବରୁ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'ରେ ଥିବା ୪୯ ବର୍ଷିୟ ସ୍କାପ୍ଲେରୋଭ୍ ଏବଂ ଅନ୍ୟ ଦୁଇଜଣ ରୁଷୀୟ ମହାକାଶଚାରୀ ଏହି ଚଳଚ୍ଚିତ୍ରରେ ଛୋଟକାଟର ଭୂମିକାରେ ଅଭିନୟ କରିଛନ୍ତି। ଏହି ଅଭିଯାନରେ କେତେକ ବାଧାବିଘ୍ନ ମଧ ଘଟିଥିଲା। ଚଳଚ୍ଚିତ୍ର ସୁଟିଙ୍ଗ୍ 'କ୍ରୁ' ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'ରେ ପହଞ୍ଚିବା ପରେ ସ୍କାପ୍ଲେରୋଭ୍‌ଙ୍କୁ ମାନୁଆଲ କଣ୍ଟ୍ରୋଲ୍ ଅନ୍ କରି କାମ କରିବାକୁ ପଡ଼ିଥିଲା। ସେହିପରି ଚଳଚ୍ଚିତ୍ର ସୁଟିଙ୍ଗ୍ 'କ୍ରୁ'ମାନଙ୍କ ପୃଥିବୀକୁ ଫେରାଇ ଆଣିବା ଲାଗି ଶୁକ୍ରବାର ଦିନ ରୁଷୀୟ 'ଫ୍ଲାଇଟ୍ କଣ୍ଟ୍ରୋଲର'ମାନେ ମହାକାଶଯାନ 'ସୋୟୁଜ୍ ଏମ୍‌ଏସ୍-୧୮'କୁ ପରୀକ୍ଷା କରିବା ବେଳେ ଅପ୍ରତ୍ୟାଶିତ ଭାବେ ତାହାର 'ଥ୍ରଷ୍ଟର' ଫାୟାର ହୋଇ ୩୦ ମିନିଟ୍ ପାଇଁ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'କୁ ପ୍ରାୟ ୩୦ ମିନିଟ୍ ପାଇଁ ସ୍ଥାନଚ୍ୟୁତ କରି ପକାଇଥିଲା ବୋଲି 'ନାସା'ର ମୁଖପାତ୍ର ରୁଷୀୟ ସମ୍ବାଦ ଏଜେନ୍ସି 'ଟାସ୍'କୁ କହିଥିଲେ।

କିନ୍ତୁ, ଶନିବାର ସନ୍ଧ୍ୟାରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ମେଲାଣି ନେଇଥିବା ପେରେସିଲ୍ଡ୍ ଓ ସିପେଙ୍କୋ ନିର୍ଦ୍ଧାରିତ ସମୟ ଅନୁସାରେ ପୃଥିବୀକୁ ଫେରିଆସିବେ ବୋଲି ମୁଖପାତ୍ରଜଣକ କହିଛନ୍ତି।

## ଅକ୍ଷୟ, ଅଜୟ ଓ ରଣବୀର ଏକାଠି



ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ' ମୁକ୍ତିଲାଭ ପୂର୍ବରୁ ଏହାର ତାରକାମାନେ ଏକ ଥିଏଟର୍ ହଲରେ ଏକାଠି ହେଇଛନ୍ତି। ଏମାନଙ୍କ ଭିତରେ ଅଛନ୍ତି ଅକ୍ଷୟ କୁମାର, ଅଜୟ ଦେବଗନ୍ ଓ ରଣବୀର ସିଂହ। ଅକ୍ଟୋବର ୨୨ରୁ ମହାରାଷ୍ଟ୍ର ସରକାର ଥିଏଟର ଖୋଲିବାକୁ ଅନୁମତି ଦେବାପରେ ସିନେ ନିର୍ମାତାମାନେ ଉତ୍ସାହିତ ହେଇଛନ୍ତି। ଥିଏଟରରେ ସ୍କ୍ରିନିଂ ହେବାରେ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି ରୋହିତ ସେଟ୍ଟୀଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ'। ଶୁଣାଯାଉଛି ଏହା ୨୦୨୨ ମାର୍ଚ୍ଚରେ ମୁକ୍ତିଲାଭ କରିବ। ତେବେ ପୂଜା ସିଜିନରେ ମୁକ୍ତିଲାଭ କରିବାକୁ ଥିବା ଏକାଧିକ ସିନେମା ଭିତରେ 'ସୂର୍ଯ୍ୟବଂଶୀ' ମଧ ଆଶାୟୀ ଥିଲା। ହେଲେ ଦର୍ଶକାଦୃତିକୁ ଭରସା କରି ନ ପାରି ଏହା ପ୍ରେକ୍ଷାଳୟକୁ ଆସିଲାନାହିଁ। ହେଲେ ଏହାର ମୁକ୍ତିଲାଭର ପ୍ରତୀକ୍ଷା ଏତେ ବ୍ୟଥିତ ହେଇଛି ଯେ ନିର୍ମାତା-ନିର୍ଦ୍ଦେଶକ ଓ ଏଥିରେ ଅଭିନୟ କରିଥିବା ତାରକାମାନେ ମିଳିମିଶି ଏଇ ଚଳଚ୍ଚିତ୍ରର କିଛି ଦୃଶ୍ୟାୟନକୁ ଦଶହରା ଅବସରରେ ଥିଏଟରରେ ନିଜ ୟୁନିଟ୍ ସଦସ୍ୟଙ୍କୁ ଦେଖାଇଛନ୍ତି। ଏମାନଙ୍କ ଭିତରୁ ସାଧାରଣ ଜନତାଙ୍କୁ କିଏ ପୁଣି କହିଛି- ଚଳଚ୍ଚିତ୍ରର ଏହା ମାତ୍ର ମଧ୍ୟାନ୍ତର, ଆପଣ ଆସନ୍ତୁ ଏଇ ଦୀପାବଳିରେ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'ର ଆମୂଳଚୂଳ ଦେଖିବେ। ଏଥିରେ କେବଳ ସିଙ୍ଘମ୍ ହିରୋ ଅଜୟ ଦେବଗନ୍ ନୁହନ୍ତି କି ସିମ୍ବା ହିରୋ ରଣବୀର ନୁହନ୍ତି ବରଂ ଗୁଲସନ୍ ଗ୍ରୋଭର ଓ କ୍ୟାଟ୍ରିନା କେଫ୍‌ଙ୍କୁ ଦେଖିବାକୁ ମିଳିବ।

## ଗାଏବ ହେବାକୁ ନିଷ୍ପତ୍ତି ନେଲେ ଅର୍ଜୁନ

ବଲିଉଡ ଅଭିନେତା ଅର୍ଜୁନ କପୁର। ସେ ସୋଶାଲ ମିଡିଆରେ ବେଶ୍ ଆକ୍ଟିଭ। ସେ ନିଜ ପ୍ରର୍ସନାଲ ଏବଂ ପ୍ରଫେସନାଲ ଜୀବନ ବିଷୟରେ ପ୍ରାୟତଃ ନିଜ ଫ୍ୟାନ୍‌ମାନଙ୍କୁ ସୋଶାଲ ମିଡିଆ ଜରିଆରେ ସୂଚନା ଦିଅନ୍ତି। କିନ୍ତୁ ଏବେ ଅର୍ଜୁନ୍ ଏସବୁ ଠାରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ସୋଶାଲ ମଡିଆରୁ ଗାଏବ ହେବାକୁ ସେ ମନ କରିଛନ୍ତି। ଅର୍ଜୁନ୍ ଏବେ ଡିଜିଟାଲ ଡିଟକ୍ସ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସୋଶାଲ ମିଡିଆ ଜରିଆରେ ଏକ ପୋଷ୍ଟ ଶେୟାର କରି ସୂଚନା ଦେଇଛନ୍ତି। ଅର୍ଜୁନ ତାଙ୍କ ଇନ୍‌ଷ୍ଟାଗ୍ରାମର ଷ୍ଟୋରିରେ ଲେଖିଛନ୍ତି, 'ଏବେ ଗାଏବା ହେବାର ସମୟ ଆସିଛି।' ଏହି ପୋଷ୍ଟ ଜରିଆରେ ସେ ସୋଶାଲ ମିଡିଆଠାରୁ ସନ୍ୟାସ ନେବା ପାଇଁ ଇସାରା କରିଛନ୍ତି। ନିକଟରେ ଅର୍ଜୁନ ନିଜ ମା'ଙ୍କ ପାଇଁ ଏକ ପୋଷ୍ଟ ଶେୟାର କରିଥିଲେ। ସେ ଆଜି ବି ତାଙ୍କ ମା'ଙ୍କୁ ବେଶ୍ ମନେ ପକାଉଛନ୍ତି। ସେ ପୋଷ୍ଟ ଶେୟାର କରି 'ଲଭ୍ ୟୁ ମା', ମୁଁ ଆଜି ବି ତୁମକୁ ବେଶ୍ ମନେ ପକାଉଛି' ବୋଲି ଲେଖିଥିଲେ।

## ତିନିଟି ଓଡ଼ିଆ ଛବିରେ ଆସୁଛନ୍ତି ସମ୍ମିତ-ରୀୟା ଯୋଡ଼ି



ଓଲିଉଡର ଲୋକପ୍ରିୟ ନାୟିକା-ନାୟିକା ସମ୍ମିତ-ରୀୟା ଯୋଡ଼ିଙ୍କୁ ପୁଣି ଦେଖିବାକୁ ପାଇବେ ସିନେପ୍ରେମୀ। ଏହି ଯୋଡ଼ି ତିନିଟି ଓଡ଼ିଆ ଛବିରେ ଆସୁଛନ୍ତି। ଏଥିମଧ୍ୟରୁ ଗୋଟିଏ ହେଲା 'ତୁ ଚଗଲି ମୁଁ ଚଗଲା'। ମୁନ୍ ଟିଭି ବ୍ୟାନରରେ ନିର୍ମାଣାଧୀନ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ବିନି ପଟ୍ଟନାୟକ। ଡକ୍ଟର ରଜନୀରଞ୍ଜନ ଏହାର ସଂଳାପ ଲେଖିଥିବା ବେଳେ ପ୍ରେମ ଆନନ୍ଦ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି। ଏହା ଏକ ରୋମାଣ୍ଟିକ୍ କମେଡି ବୋଲି କୁହାଯାଉଛି। ସମ୍ମିତ-ରୀୟା ଯୋଡ଼ିଙ୍କ ଅଭିନୀତ ଏକ ନୂଆ ସିନେମା ହେଲା 'ଫ୍ଲପ୍ ସିନେମା'। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି, ପିଣ୍ଟୁ ନନ୍ଦ, ଶ୍ରୀତମ ଦାସ, ଦେବୁ ବ୍ରହ୍ମାଙ୍କ ସମେତ ଓଲିଉଡର ବହୁ ଜଣାଶୁଣା କଳାକାର ଅଭିନୟ କରିଛନ୍ତି। ନିରଞ୍ଜନ ବେହେରା ଏହାର ନିର୍ଦ୍ଦେଶକ। ଏଥିରେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କ ଦ୍ୱିତୀୟ ସିନେମା 'ଯୋଉଠି ଥିଲେ ବି ତୁ ମୋର'ରେ ବି ସମ୍ମିତଙ୍କ ସହ ଦେଖା ଦେବେ ରୀୟା। ଏହା ବ୍ୟତୀତ ବବି ମିଶ୍ର, ପୁପିନ୍ଦର, ମେଘନା ମିଶ୍ର ପ୍ରମୁଖଙ୍କୁ ଏହି ଫିଲ୍ମରେ ଦେଖିବାକୁ ପାଇବେ ଦର୍ଶକ। ପ୍ରେମ ଆନନ୍ଦ ଏହାର ସଙ୍ଗୀତ ନିର୍ଦ୍ଦେଶକ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଦର୍ଶକ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ସମ୍ଭତ-ରୀୟାଙ୍କ ଯୋଡ଼ିଙ୍କୁ 'ପ୍ରେମ ପାଇଁ ମହାଭାରତ'ରେ ଦେଖିବାକୁ ପାଇଛନ୍ତି।

## ଓଡ଼ିଶୀ ନୃତ୍ୟକୁ ମୁଁ ଭଲପାଏ- ବସନ୍ତ ସାହୁ



ଓଡ଼ିଶାର ସାହିତ୍ୟ, କଳା ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଜଣେ ଆଗଧାଡ଼ିର ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ବସନ୍ତ କୁମାର ସାହୁ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅର୍ନ୍ତଗତ ନରସିଂହପୁର ପଂଚାୟତର କମାରଗଡ଼ିଆ ଗ୍ରାମରେ ଶ୍ରୀ ସାହୁ ୧୯୬୭ ମସିହାରେ ଜନ୍ମଲାଭ କରନ୍ତି। ତାଙ୍କର ପିତାଙ୍କ ନାମ ନିଧିରାମ ସାହୁ ଓ ମାତା ଉଦିଆ ଚାନ୍ଦ ସାହୁ। ପତ୍ନୀ ଲୀନାରାଣୀ ସାହୁ ଓ କନ୍ୟା ଅର୍ପିତା ସାହୁ। ଶ୍ରୀ ସାହୁ ଭଦ୍ରକ ମହାବିଦ୍ୟାଳୟରୁ ଇଂରାଜୀ ଓ ଓଡ଼ିଆ ବିଭାଗରେ ପୋଷ୍ଟ ଗ୍ରାଜୁଏସନ ଶେଷ କରିଛନ୍ତି। ବର୍ତ୍ତମାନ ଶ୍ରୀ ସାହୁ ରାଧାବଲ୍ଲଭପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ପାଠ ପଢ଼ାଉଛନ୍ତି। ତାଙ୍କର ଚାରି ଭାଇ ଚାରି ଭଉଣୀ। ସଫଳ ନାଟକ- ବଗୁଲି ଝରାଏ ଲୁହ, ହସ ଦେଉଳରେ ବିଷ କଳସ, ପିଙ୍ଗଳ କୋର୍ଡ଼ ଦଫା ୧୦୨, ପରିଶୋଧ, ମୋହମାୟା ମମତା ପ୍ରଭୃତିରେ ଶ୍ରୀ ବସନ୍ତ ସାହୁ ଖୁବ ସୁନ୍ଦର ଅଭିନୟ କରିଛନ୍ତି। ଯାହାକୁ ଜୀବନରେ ଭୁଲିବେ ନାହିଁ। ଇଂରାଜୀ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ଭାଷାରେ ଶ୍ରୀ ସାହୁ ଖୁବ୍ ସୁନ୍ଦର ଭାବେ କ୍ରିକେଟ ଖେଳର ଧାରା ବିବରଣୀ ପ୍ରଦାନ କରିଥାନ୍ତି। ଓଡ଼ିଶୀ ନୃତ୍ୟକୁ ସେ ଅଧିକ ପସନ୍ଦ କରନ୍ତି ବୋଲି ମତ ପ୍ରକାଶ କରନ୍ତି। ଶ୍ରୀ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ଖୁବ୍ ଭଲ ପାଠ ପଢ଼ାନ୍ତି ଓ ଆଧ୍ୟାତ୍ମିକ ଚିନ୍ତା ଚେତନା, ସାହିତ୍ୟ ସଂସ୍କୃତି ଓ ପରମ୍ପରା ସଂପର୍କରେ ସମସ୍ତଙ୍କୁ ବୁଝାଇଥାନ୍ତି। ସାହିତ୍ୟ ପ୍ରତି ତାଙ୍କର ପ୍ରବଳ ଆଗ୍ରହ ରହିଛି। ଆକାଶବାଣୀ କଟକ କେନ୍ଦ୍ରରେ କାର୍ଯ୍ୟକ୍ରମ- ଅନୁଚିନ୍ତା, ମାନନୀୟେଷୁ, ସ୍ମୃତିର ପାହାଚ, ଆଂଚଳିକ ସମ୍ବାଦ, ପ୍ରଭାତ ପରିକ୍ରମା ପ୍ରଭୃତିକୁ ଶ୍ରୀ ସାହୁ ଶୁଣିଥାନ୍ତି। ଶ୍ରୀ ସାହୁଙ୍କ ପ୍ରିୟ ସାହିତ୍ୟିକ ହେଲେ ବ୍ୟାସକବି ଫକୀରମୋହନ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳମଣି ଗୋପବନ୍ଧୁ, ମାୟାଧର ମାନସିଂହ, ସଚ୍ଚି ରାଉତରାୟ, ଗୋପୀନାଥ ମହାନ୍ତି, ମନୋଜ ଦାସ ପ୍ରମୁଖ। ବେତଡ଼ା ପଂଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ମହାଦେବ ନାୟକଙ୍କ ବିୟୋଗ ଶ୍ରୀ ସାହୁଙ୍କୁ ଦୁଃଖ ଆଣିଦେଇଥିଲା। ସର୍ବଦା ଶ୍ରୀ ସାହୁ ଗାଆଁକୁ ଭଲ ପାଆନ୍ତି ଓ ଦୁଃଖୀ ଗରିବଙ୍କୁ ସାହାଯ୍ୟ କରିଥାନ୍ତି ଓ ବୃକ୍ଷରୋପଣ କରିଥାନ୍ତି। ବର୍ତ୍ତମାନର ମଣିଷ ଅଧିକ ସ୍ୱାର୍ଥପର ହୋଇଯାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଈଶ୍ୱରଙ୍କ କୃପାରୁ ଶ୍ରୀ ସାହୁଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ।

ଉପସ୍ଥାପନା :
ପ୍ରଦୀପ୍ତ ମହାନ୍ତି
ସଂପାଦକ-ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ

## ପ୍ରେକ୍ଷାଳୟ ନୁହେଁ, ଓଟିଟି ଉପଯୁକ୍ତ

ଆଉ ଥିଏଟର ବା ପ୍ରେକ୍ଷାଳୟରେ ଫିଚର ଫିଲ୍ମ ଚାଲିବା ସମ୍ଭବ ନୁହେଁ। କରୋନା ମହାମାରୀ ପୂର୍ବରୁ ମଧ ଓଡ଼ିଆ ଚଳଚ୍ଚିତ୍ରକୁ ଦେଖିବା ପାଇଁ ଦର୍ଶକଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳୁ ନ ଥିଲା। ଏବେ କୋଭିଡ୍ ସଂକ୍ରମଣ ଏବଂ ଏଥିଜନିତ ଜାରି ହେଇଥିବା କଟକଣା ଯୋଗୁଁ ଦର୍ଶକ ପୂରାପୂରି ପ୍ରେକ୍ଷାଳୟରୁ ମୁହଁ ଫେରାଇ ନେଇଛନ୍ତି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ ଏବେ ଦର୍ଶକ ଓଟିଟି ପ୍ଲାଟ୍‌ଫର୍ମକୁ ଅଧିକ ପସନ୍ଦ କରୁଛନ୍ତି। ଏହା ହଟ୍, ସ୍ୱାଇସ୍, ନଟିଅର୍ ଓ ସ୍ମାର୍ଟ୍। ଓଟିଟିରେ ପ୍ରସାରିତ ହେଉଥିବା ସିନେମା ଭିତରେ କିଛି ଅକୁହା କାହାଣୀ, ବିବାଦଶୂନ୍ୟ ଓ ଆଖିକୁ ଆଘାତ ଦେଉ ନ ଥିବା ନିର୍ମାଣ ଶୈଳୀ ଏବଂ ଅସମାନ୍ତରାଳ ଲାଗୁଛି। ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ଓଟିଟିରେ 'କଞ୍ଚାଲଙ୍କା' ପ୍ଲାଟଫର୍ମ ଏହାର ସତ୍ୟଦମ ଉଦାହରଣ। ଏଥିରେ ମୌଳିକ ଓ ତାଜା କାହାଣୀ ଦେଖିବାକୁ ମିଳୁଛି। ପ୍ରଯୋଜକ ଅକ୍ଷୟ ପରିଜା, ବିଭୁ ରଥ ଏବଂ ସି.ଆର. ନାୟକଙ୍କ ମିଳିତ ଉଦ୍ୟମରେ 'କଞ୍ଚାଲଙ୍କା' ଓଟିଟି ପ୍ଲାଟ୍‌ଫର୍ମଟି ଏବେ ବେଶ୍ ସକ୍ରିୟ ହେଇଛି ଏବଂ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଯଦି ଦର୍ଶକଙ୍କ ପାଖରେ ଇଣ୍ଟରନେଟ୍ କନେକ୍‌ସନ୍ ଅଛି ତେବେ ସେମାନେ ମୋବାଇଲ୍ ଫୋନ୍, ଟାବ୍‌ଲେଟ୍, ସ୍ମାର୍ଟ ଟିଭି କିମ୍ବା ପିସି ମାଧ୍ୟମରେ ତୁରନ୍ତ ଓଟିଟିରେ କଞ୍ଚାଲଙ୍କା ସାଇଟ୍‌କୁ ଯାଇ ଦେଖିପାରିବେ। ଏହା ୱେବ୍ ବ୍ୟତୀତ ଆଣ୍ଡ୍ରଏଡ୍, ଆଇଓସ୍ ଏବଂ ଆପଲ୍ ଟିଭିରେ ଉପଲବ୍ଧ ହେଉଛି। ଏହି ସୁବିଧା ଅନ୍ତର୍ଜାତୀୟ ସ୍ତରରେ ମଧ ଯଥାଶୀଘ୍ର ଉପଲବ୍ଧ ହେବ। କ୍ରାଇମ୍, ଥ୍ରିଲ୍, ରୋମାଣ୍ଟିକ୍, କମେଡି, ସସ୍‌ପେନ୍ସ, ଏପିକ୍, ଫାଣ୍ଟାସି ପରି ବିଷୟବସ୍ତୁକୁ ନେଇ ଏଥିରେ ସବୁସ୍ୱାଦର ସିନେମା ପ୍ରଦର୍ଶିତ ହେଉଛି। ଖୁବ୍‌ଶୀଘ୍ର କଞ୍ଚାଲଙ୍କା ସିରିଜ୍‌ରେ ବିଜ୍ଞାପନମୁକ୍ତ ଭାବେ ଇଂରାଜୀ ଭର୍ସନର ଅଲଟ୍ରା ଏଚ୍‌ଡି ସିନେମା ଦେଖିବାକୁ ମିଳିବ। ଏଥିରେ ବାର୍ଷିକ ମାତ୍ର ୩୪୯, ଷଡ୍‌ମାସିକ ୨୪୯ ଏବଂ ତ୍ରୈମାସିକ ୧୪୯ ଟଙ୍କା ଲାଗିବ। ଏହି ଦେୟ ଗ୍ରାହକମାନେ ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ୟୁପିଆଇ ଏବଂ ଅନ୍‌ଲାଇନ୍ ୱାଲେଟ୍ ମାଧ୍ୟମରେ ଦେଇପାରିବେ। କଞ୍ଚାଲଙ୍କା ସମ୍ପର୍କରେ ଏହାର ଯୁଗ୍ମ ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ଅକ୍ଷୟ ପରିଜା କହନ୍ତି, ଏହା କେବଳ ଦର୍ଶକ ଓ ଗ୍ରାହକମାନଙ୍କୁ ଏକ ପ୍ରିମିୟମ୍ ଓଟିଟିର ଅଫର୍ ଦେବନାହିଁ ବରଂ ବଜାରରେ ଅନ୍ୟ ଓଟିଟି ତୁଳନାରେ ଏହାର ଗୁଣାତ୍ମକ ମାନ ଏବଂ ସୁହାଇବା ଭଳି ଦେୟ ରହିବ।

# ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ କରାଯାଉ : ସମୀର ମହାନ୍ତି

ଭୁବନେଶ୍ୱର,୨୧/୧୦ (ନି.ପ୍ର): ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାକୁ ସିବିଆଇ ଦ୍ୱାରା ତଦନ୍ତ କରାଯିବା ସହ ଏଭଳି ନାରକୀୟ ଘଟଣାରେ ସଂପୃକ୍ତିର ଅଭିଯୋଗ ଥିବା ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଇ ଗିରଫ କରିବା ପାଇଁ ରାଜ୍ୟ ସଭାପତି ସମୀର ମହାନ୍ତି ଦାବୀ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତ ତଥା ସନସାଇନ ପବ୍ଲିକ ସ୍କୁଲର ମୁଖ୍ୟ ସଂଚାଳକ ଗୋବିନ୍ଦ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସେଠାରେ ଯୌନ ବ୍ୟଭିଚାର ଚାଲିଥିଲା । ଶ୍ରୀ ସାହୁଙ୍କ ଘନିଷ୍ଠ ସହଯୋଗୀ ତଥା ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ସମେତ ମନ୍ତ୍ରୀ ପ୍ରତାପ ଜେନା, ନିରଂଜନ ପୂଜାରୀ, ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଭଳି ବହୁ ମନ୍ତ୍ରୀ, ନେତାମାନେ ବାରମ୍ବାର ସେ ସ୍କୁଲକୁ ଆସୁଥିଲେ । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ଅନୈତିକ କାର୍ଯ୍ୟକଳାପ ସଂପର୍କରେ ମୃତା ମମିତା ମେହେର ଖୁଲାସା କରିଦେବେ ବୋଲି କହିବାରୁ ତାଙ୍କୁ ହତ୍ୟା କରାଯାଇଛି ।

ନିଖୋଜ ହେବା ପରେ ବିଭିନ୍ନ ଆଳ ଦେଖାଇ ମୃତା ମମିତାର ବାପାଙ୍କ ଏତଲା ପୋଲିସ ରଖିନଥିଲା । ପୋଲିସ୍ ଜବତ କରିଥିବା ମମିତାଙ୍କ ଲ୍ୟାପଟପ, ପେନ ଡ୍ରାଇଭ, ମୋବାଇଲକୁ ପ୍ରକୃତ ଯାଂଚ କରାଗଲେ ସତ୍ୟାସତ୍ୟ ଏବଂ ସମସ୍ତ ଅସମାହିତ ପ୍ରଶ୍ନର ଉତର ସାମ୍ନାକୁ ଆସିପାରିବ ।



ସନସାଇନ ପବ୍ଲିକ ସ୍କୁଲ ଓ କଲେଜକୁ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ନିର୍ଦ୍ଦେଶରେ ବହୁ ପରିମାଣର ସରକାରୀ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ପାଂଠିରୁ ୨୦୧୦ ମସିହାରୁ ୨୦୧୭ ମସିହା ଭିତରେ ଏହି ଶିକ୍ଷାନୁଷ୍ଠାନର ଲାଇବ୍ରେରୀ, କ୍ଲାସରୁମ, ହଲ୍, ଗାଲ୍ସ୍ କମନ ରୁମ, ବୟେଜ ହଷ୍ଟେଲ ଆଦି ନିର୍ମାଣ ପାଇଁ ପର୍ଯ୍ୟାୟକ୍ରମେ ୩୧ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବା ସଂପୂର୍ଣ୍ଣ ଜନବିରୋଧୀ କାର୍ଯ୍ୟ ଅଟେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏଭଳି କୁତ୍ସିତ ଓ ଜଘନ୍ୟ ଘଟଣାରେ ସଂପୃକ୍ତ ଥିବା ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବୀରେ ସାଧାରଣ ଜନତାଙ୍କ ସହ ମିଶି ବିଜେପିର ମହିଳା ଓ ଯୁବ କାର୍ଯ୍ୟକର୍ତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଏବଂ ଡ.ଲେଖାଶ୍ରୀ ସାମନ୍ତସିଂହାର ଉପସ୍ଥିତ ଥିଲେ ।

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ନବୀନ ନିବାସ ଆଗରେ ଯୁବ କଂଗ୍ରେସ ପକ୍ଷରୁ କଳା ପତାକା ପ୍ରଦର୍ଶନ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର କରିବା ଦାବିରେ ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ନବୀନ ନିବାସ ଆଗରେ କଳା ପତାକା ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଆଜି ଶତାଧିକ ଯୁବ କଂଗ୍ରେସ କର୍ମୀ ହାତରେ କଳା ପତାକା ଧରି ନବୀନ ନିବାସ ସମ୍ମୁଖରେ ପହଂଚିଥିଲେ । ପୋଲିସ କିଛି ବୁଝିବା ପୂର୍ବରୁ ହଠାତ୍ ଯୁବ କଂଗ୍ରେସ କର୍ମୀମାନେ କଳା ପତାକା ପ୍ରଦର୍ଶନ କରିବା ସହ ସ୍ଲୋଗାନ ଦେଇ ଜୋରଦାର ବିରୋଧ କରିଥିଲେ । ପରେ ଉପସ୍ଥିତ ପୁଲିସ କର୍ମୀମାନେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା । ଏହାକୁ ନେଇ ସେଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କଂଗ୍ରେସ କର୍ମୀମାନେ ହୋହଲ୍ଲା କରିଥିଲେ । ଏ ସମ୍ପର୍କରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି ଯେ ବିଜେଡି ଶାସନ କାଳରେ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହିତ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ଘନିଷ୍ଠ ସମ୍ପର୍କ ରହିଛି । ଯେହେତୁ କ୍ୟାପ୍‌ଟେନ୍ ମିଶ୍ର ଗୃହ ବିଭାଗ ମନ୍ତ୍ରୀ ରହିଛନ୍ତି, ତେଣୁ ତଦନ୍ତ ପ୍ରକ୍ରିୟାକୁ ସେ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ତୁରନ୍ତ ମନ୍ତ୍ରୀ ମଣ୍ଡଳରୁ କ୍ୟାପ୍‌ଟେନ ମିଶ୍ରଙ୍କୁ ବହିଷ୍କାର କରାଯାଉ । ଏଥିସହ ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯାଉ ଓ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଦାବି କରିଛନ୍ତି । ଯଦି ତୁରନ୍ତ ମନ୍ତ୍ରୀଙ୍କୁ ବହିଷ୍କାର କରାନଯାଏ ତେବେ ରାଜ୍ୟ ବ୍ୟାପୀ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି । ଆଜି ବିକ୍ଷୋଭ ପ୍ରଦର୍ଶନରେ ଶ୍ରୀବତ୍ସ ରଥ, ଆର୍ଯ୍ୟବୀର ଲେଙ୍କା, ସ୍ମୃତିରଞ୍ଜନ ରାଉତ, ମନୋରଞ୍ଜନ ପଟ୍ଟନାୟକ, ରିତୁନ ମହାରଣା, ଶ୍ରୀତମ ଦାସ, ଇଶାନ୍ତ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

# ବିଜେଡିରେ ଲକ୍ଷ୍ମୀପୁରର ପୂର୍ବତନ କଂଗ୍ରେସ ବିଧାୟକ କୈଳାଶ କୁଲେସିକା

ଭୁବନେଶ୍ୱର,୨୧/୧୦ (ନି.ପ୍ର): ବିଜେଡ଼ିରେ ଯୋଗ ଦେଇଛନ୍ତି ଲକ୍ଷ୍ମୀପୁରର ପୂର୍ବତନ କଂଗ୍ରେସ ବିଧାୟକ କୈଳାଶ କୁଲେସିକା । ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପଦ୍ମିନୀ ଦିଆନ ପ୍ରମୁଖଙ୍କ ଉପସ୍ଥିତି କୈଳାଶ କୁଲେସିକା ନିଜ ସମର୍ଥକମାନଙ୍କ ସହିତ ସେ ବିଜେଡ଼ିରେ ସାମିଲ ହୋଇଛନ୍ତି । ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ସେ ଲକ୍ଷ୍ମୀପୁରରୁ ବିଧାୟକ ଥିବାବେଳେ ୨୦୧୯ ନିର୍ବାଚନରେ ମାତ୍ର ୨୨୯ ଖଣ୍ଡ ଭୋଟରେ ବିଜେଡ଼ି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୫୨୪ କରୋନା ପଜିଟିଭ୍ ଚିହ୍ନଟ, ୮୨ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫୨୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୦୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୨୧୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୮୨ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୫୪ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୪ ଜଣ, ବାଲେଶ୍ୱରରୁ ୧୪ ଜଣ, ବରଗଡ଼ରୁ ୨ ଜଣ, ଭଦ୍ରକରୁ ୮ ଜଣ, ବଲାଙ୍ଗୀରରୁ ୧ ଜଣ, ବୌଦ୍ଧରୁ ୨ ଜଣ, କଟକରୁ ୬୬ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ୪ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୧୬ ଜଣ, ଯାଜପୁରରୁ ୧୦ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, କନ୍ଧମାଳରୁ ୧ ଜଣ, ଖୋର୍ଦ୍ଧାରୁ ୨୫୪ ଜଣ, କୋରାପୁଟରୁ ୩ ଜଣ, ମୟୂରଭଞ୍ଜରୁ ୨୧ ଜଣ, ନବରଙ୍ଗପୁରରୁ ୧ ଜଣ, ନୟାଗଡ଼ରୁ ୫ ଜଣ, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୧୨ ଜଣ, ସୁନ୍ଦରଗଡ଼ରୁ ୧୯ ଜଣ ଓ ଷ୍ଟେଟ ପୁଲରୁ ୬୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୩୭ ହଜାର ୦୫୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ।

# ସମାଜ ତଥା ଦେଶ ଗଠନ ପାଇଁ ପୁଲିସର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ : ପୁଲିସ କମିଶନର

ଭୁବନେଶ୍ୱର,୨୧/୧୦ (ନି.ପ୍ର): କମିସନରେଟ ପୁଲିସ ପକ୍ଷରୁ ୬୨ତମ ପୁଲିସ ସହିଦ ଦିବସ ପାଳିତ ହୋଇଛି । ଭୁବନେଶ୍ୱର ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଆୟୋଜିତ ଏହି ଉତ୍ସବରେ ପୋଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମାଜ ତଥା ଦେଶ ଗଠନ ପାଇଁ ପୁଲିସର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପୁଲିସ କମିସନର କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ଦେଶରେ ଚଳିତ ବର୍ଷ ୩୭୭ ଜଣ ପୁଲିସ ଅଧିକାରୀ ସହିଦ ହୋଇଥିବା ବେଳେ କରୋନା କାଳରେ ମଧ୍ୟ



୨୨ ଜଣ ପୁଲିସ ସହିଦ ହୋଇଛନ୍ତି । ରାଜ୍ୟ ତଥା ଦେଶର ସୁରକ୍ଷା ପାଇଁ ପୁଲିସ କର୍ମଚାରୀ ସର୍ବଦା ନିଜ ଜୀବନକୁ ବାଜି ଲଗାଇଥାନ୍ତି । ନିଜର କର୍ତ୍ତବ୍ୟ ନିଷ୍ଠା ଓ ପରାକାଷ୍ଠା ଦେଖାଇ ଅନେକ ପୁଲିସ କର୍ମଚାରୀ ଆତ୍ମବଳି ଦେଇଛନ୍ତି ।

ଏହି ଅବସରରେ ପୁଲିସ କମିସନର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହିଦ ପୁଲିସ କର୍ମଚାରୀ ଏବଂ ସେମାନଙ୍କ ବଳିଦାନ ସମ୍ପର୍କରେ ଦେଇଥିବା ବାର୍ତ୍ତା ପାଠ କରିଥିଲେ ।

# ମମିତା ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବରଖାସ୍ତ କରାଯାଉ : ଏଆଇଏସ୍‌ଏଫ୍

ଭୁବନେଶ୍ୱର,୨୧/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସନ୍‌ସାଇନ୍ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାର ତଦନ୍ତ ନିରପେକ୍ଷତା ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ପଦରୁ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଅବିଳମ୍ବେ ବରଖାସ୍ତ ଦାବିରେ ଏ.ଆଇ.ଏସ୍.ଏଫ. ପକ୍ଷରୁ ମାଷ୍ଟର କ୍ୟାଂଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହାସହ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ କୁଶପୁତଳିକା ଦାହ କରାଯାଇଛି । ଏହି ହତ୍ୟା ଘଟଣାରେ ଗୋଟିଏ ଘରୋଇ ଶିକ୍ଷାନୁଷ୍ଠାନର କେଳେଙ୍କାରୀ ଲୋକଲୋଚନକୁ ଆସିଥିବା ବେଳେ ଅନେକ କଲେଜର କେଳେଙ୍କାରୀକୁ ପ୍ରଭାବଶାଳୀ ରାଜନେତା, ଅଧିକାରୀ ଓ ପୋଲିସ୍ ଚପାଇ ଦେଉଛନ୍ତି । ରାଜ୍ୟରେ ମହିଳାମାନଙ୍କ ସୁରକ୍ଷାକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ପୃଷ୍ଠଭୂମିରେ ନିହତ ଅଧ୍ୟାପିକାଙ୍କ ପରିବାରକୁ ଅନ୍ୟୁନ ୨ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ତାଙ୍କ ପରିବାରରୁ ଅନ୍ୟୁନ୍ ଜଣଙ୍କୁ ସରକାରୀ ଚାକିରୀ, ହତ୍ୟାକାରୀ ରାଜନୈତିକ ପୃଷ୍ଠପୋଷକତା ଘରୋଇ କଲେଜମାନଙ୍କରେ ଚାଲିଥିବା କେଳେଙ୍କାରୀ ଉପରେ ତଦନ୍ତ ସହ ଏହାର ପୁନରାବୃତି ନ ହେବା ବ୍ୟବସ୍ଥା ପାଇଁ ବିଚାର ବିଭାଗୀୟ ତଦନ୍ତ ପାଇଁ ଏ.ଆଇ.ଏସ୍.ଏଫ୍. ପକ୍ଷରୁ ଦୃଢ ଦାବି କରିବା ସହ ଏ.ଆଇ.ଏସ୍.ଏଫ୍. ଏହି ଦାବି ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି ଏ.ଆଇ.ଏସ୍.ଏଫ୍. ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭ ଏ.ଆଇ.ଏସ୍.ଏଫ୍. ରାଜ୍ୟ ପରିଷଦ ସଦସ୍ୟ ବିବେକ କୃଷ୍ଣ, ମନୋରଂଜନ ରାଉତ, ରଶ୍ମିରଂଜନ ପଣ୍ଡା, ରାଜାରାମ ଡଙ୍ଗରୀ, ଜଗଦିଶ୍ ଦୁର୍ଗା, କବିତା ପଲକିଆଙ୍କ ସମେତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ମମିତା ମେହେର ହତ୍ୟା ଘଟଣାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ସିପିଆଇ ଲିବରେସନର ଦାବି

ଭୁବନେଶ୍ୱର,୨୦/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସନ୍‌ସାଇନ ସ୍କୁଲ୍‌ର ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରିବାକୁ ଆମେ ଦାବି କରୁଛୁ । ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ୩୦୨ ଦଫା ଲଗାଇ ଗିରଫ କରିବା ସହ ତୁରନ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ । ମମିତା ମେହେର ହତ୍ୟାକାଣ୍ଡର ବିଚାର ବିଭାଗୀୟ ତଦନ୍ତ କରାଯାଉ । ନବୀନ ବାବୁଙ୍କ ଶାସନ କାଳରେ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଏହା ରାଜ୍ୟବାସୀଙ୍କ ସମ୍ମାନରେ ଆଂଚ ଆଣିବା ସହ 'ମାଆକୁ ସମ୍ମାନ' ସ୍ଲୋଗାନ ପ୍ରଶ୍ନବାଚୀ ଲଗାଇଛି ।

# ରାଜ୍ୟପାଳଙ୍କ ନିକଟରେ ବିଜେପିର ଫେରାଦ

## ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ଗିରଫ କରାଯାଉ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ଶାସକ ବିଜେଡିର ଅହିଷ୍ଣୁତା ଏବଂ ରାଜନୈତିକ ହିଂସାପରାୟଣ ମନୋଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି । ଶାସକ ବିଜେଡିର ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ଛତ୍ରଛାୟା ତଳେ ରହି ଅପରାଧୀମାନେ ନିର୍ଭୟରେ ଅପରାଧ ଭିଆଇ ଚାଲୁଛନ୍ତି । ମମିତା ମେହେର ହତ୍ୟାକାଣ୍ଡରେ ସଂପୃକ୍ତିର ଅଭିଯୋଗ ହେଉଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଓ ଗିରଫ କରାଯାଉ । ଏହି ଦୁଇ ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରି ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ବିଜେପି ତରଫରୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।

ବୁଧବାର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧିମଣ୍ଡଳ ରାଜ୍ୟପାଳଙ୍କୁ ଭେଟିଥିଲେ । ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ବିଜେପି ଆଦିବାସୀ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଡ.ବୁଧନ ମୁର୍ମୁ, ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ ଓ ଡ.ଲେଖାଶ୍ରୀ ସାମନ୍ତସିଂହାର ଏବଂ ସୁଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମମିତା ମେହେର ପରିବାରକୁ ନ୍ୟାୟ ଦେବାକୁ କଂଗ୍ରେସ ଲଢ଼େଇ ଜାରିରଖିବ : ନରସିଂହ

ଭୁବନେଶ୍ୱର,୨୧/୧୦ (ନି.ପ୍ର): କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ମୃତା ସନସାଇନ ପ୍ଲବିକ ସ୍କୁଲର ଶିକ୍ଷୟତ୍ରୀ ମମତା ମେହେରଙ୍କ ପରିବାରକୁ ଭେଟିବା ସହିତ ସରଜମିନ୍ ତଦନ୍ତ କରିଛନ୍ତି । ଶ୍ରୀ ମିଶ୍ର ମମିତାଙ୍କ ପିତାମାତା ଓ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହିତ ତାଙ୍କୁ ସମସ୍ତ ଆଇନ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତତ୍ ସହିତ କଂଗ୍ରେସ ସେ ପରିବାର ସହିତ ସେ ଅଂଚଳର ଲୋକଙ୍କ ସହିତ ଏଭଳି ଲୋମଟାଙ୍କୁରା ଏବଂ ଜଘନ୍ୟ ହତ୍ୟା ଘଟଣାକୁ ପ୍ରତ୍ୟେକ ସ୍ତରରେ ଲଢ଼ି ଏହି ଘଟଣାରେ ଯେତେବଡ଼ ବ୍ୟକ୍ତି ଯେଉଁ ପଦପଦବୀରେ ଥାଉନା କାହିଁକି ଦଣ୍ଡ ଦେବା ପାଇଁ ଲଢ଼େଇ କରିବ । ଶ୍ରୀ ମିଶ୍ର କହିଛନ୍ତି ମମିତା ହତ୍ୟା ବର୍ତମାନର ଯୋଜନା ନୁହେଁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ବହୁଦିନରୁ ଯୋଜନା କରିଥିଲେ ତାଙ୍କୁ ହତ୍ୟା କରିବାପାଇଁ ଏବଂ ସୁଚିନ୍ତିତ ଯୋଜନା କରି ମମିତାଙ୍କୁ ହତ୍ୟା କରିବାରେ ସଫଳ ହେଲେ । ମମିତାଙ୍କ ନୃଶଂସ ହତ୍ୟାରେ ଯଥେଷ୍ଟ ପ୍ରମାଣ ମିଳୁଛି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ନେଇ ତେଣୁ ନୈତିକତା ଦୃଷ୍ଟିରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଇସ୍ତଫା ଦେବା ପାଇଁ ପରାମର୍ଶ ଦେବା ସହିତ ବର୍ତମାନ ମମିତା ମେହେରଙ୍କ ମୃତ୍ୟୁରେ ସଂପୂର୍ଣ୍ଣ ଭାଙ୍ଗିପଡ଼ିଥିବା ତାଙ୍କ ପରିବାରଙ୍କୁ ଆଇନର ସହାୟତ ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି । ପରିବାର ଲୋକ ଯେଉଁ ସଂସ୍ଥା ଦ୍ୱାରା ତଦନ୍ତ ଚାହୁଁଛନ୍ତି ସରକାର ସେହି ସଂସ୍ଥାଦ୍ୱାର ତଦନ୍ତ କରି ମମିତାର ପରିବାରକୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ବିନା ପ୍ରବେଶିକା ପରୀକ୍ଷାରେ ଏମବିଏ ନାମଲେଖା : ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଲାଗୁ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ଏମ୍‌ବିଏ ଓ ପିଜିଡିଏମ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଆବଶ୍ୟକତା ନାହିଁ । ବିନା ପ୍ରବେଶିକା ପରୀକ୍ଷାରେ ସ୍ନାତକ(ୟୁଜି) ମାର୍କ ଆଧାରରେ ଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀଙ୍କ ନାମ ଲେଖାଇପାରିବେ । କାଉନସେଲିଂ ପାଇଁ ସିଟ୍ ଆଲ୍‌ଟମେଣ୍ଟ ବେଳେ ରାଜ୍ୟଗୁଡ଼ିକ ଏଦିଗରେ ପଦକ୍ଷେପ ନେଇପାରିବେ ବୋଲି ଅଲ୍ ଇଣ୍ଡିଆ କାଉନସିଲ୍ ଫର ଟେକ୍ନିକାଲ ଏଜୁକେସନ(ଏଆଇସିଟିଇ) ପକ୍ଷରୁ କୁହାଯାଇଛି । ଏନେଇ ଏଆଇସିଟିଇ ସଦସ୍ୟ ସଚିବ ପ୍ରଫେସର ରାଜୀବ କୁମାର ଚିଠି ଲେଖିବା ପରେ ଓଡ଼ିଶା ସରକାର ମଧ ପଦକ୍ଷେପ ନେଇଛନ୍ତି । ଏମ୍‌ବିଏ ଓ ପିଜିଡିଏମ୍ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ସିଟ୍‌ରେ ନାମଲେଖା ପାଇଁ ଓଜେଇଇ ରାଙ୍କର ଆବଶ୍ୟକତା ନାହିଁ । ତେବେ କାଉନସେଲିଂ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକ ଓଜେଇଇ ରାଙ୍କଧାରୀ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଆଇସିଟିଇ ସଦସ୍ୟ ସଚିବ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ପିଜିଡିଏମ୍ ଓ ଏମ୍‌ବିଏ ପାଠ୍ୟକ୍ରମରେ ନାମଲେଖା ଲାଗି ଛାତ୍ରଛାତ୍ରୀଙ୍କୁ ସିଏଟି, ଏକ୍ସଏଟି, ସିଏମ୍‌ଏଟି, ଏଟିଏମ୍‌ଏ, ଏମ୍‌ଏଟି, ଜିଏମ୍‌ଏଟି ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ । ତେବେ ଚଳିତବର୍ଷ କରୋନା ସଂକ୍ରମଣ ଯୋଗୁଁ ଅଧିକାଂଶ ରାଜ୍ୟ ଉକ୍ତ ପରୀକ୍ଷା କରିପାରି ନାହାନ୍ତି । କେତେକ ରାଜ୍ୟ ପ୍ରବେଶିକା ପରୀକ୍ଷା କରିଥିବା ବେଳେ ଆଉ କିଛି ରାଜ୍ୟ ସ୍ଥଗିତ କିମ୍ବା ବାତିଲ୍ କରିଛନ୍ତି । ତେଣୁ ଶିକ୍ଷାନୁଷ୍ଠାନ ଓ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଆଇସିଟିଇ ବିକଳ୍ପ ବ୍ୟବସ୍ଥା ଆପଣାଇବାକୁ ନିଷ୍ପତି ନେଇଛି । ୟୁଜି ମାର୍କ ଆଧାରରେ ଶିକ୍ଷାନୁଷ୍ଠାଗୁଡ଼ିକ ପିଲାଙ୍କ ନାମଲେଖା କରାଇବେ ଏବଂ ସ୍ୱଚ୍ଛତା ରଖିବେ । ?ତେବେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆଗ୍ରାଧିକାର ଭିତ୍ତିରେ ନାମଲେଖା ଲାଗି ସୁଯୋଗ ପ୍ରଦାନ କରିବେ । ୨୦୨୧-୨୨ ଶିକ୍ଷାବର୍ଷ ଲାଗି ଏହି କୋହଳ ବ୍ୟବସ୍ଥା ହୋଇଛି । ଆଗାମୀ ଶିକ୍ଷାବର୍ଷରେ ଏହାକୁ ଲାଗୁ କରାଯିବ ନାହିଁ । ଏଭଳି ନିଷ୍ପତ୍ତିକୁ ଓଡ଼ିଶା ମ୍ୟାନେଜ୍‌ମେଣ୍ଟ କଲେଜ ଆସୋସିଏସନ(ଓମ୍‌କା) ପକ୍ଷରୁ ସ୍ୱାଗତ କରାଯାଇଛି । ଓମ୍‌କା କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସାହୁ କହିଛନ୍ତି ଯେ ବିଭିନ୍ନ କାରଣରୁ ଓଜେଇଇ ଓ ଏମ୍‌ଏଟି ପରି ଅନ୍ୟ ପ୍ରବେଶିକା ପରୀକ୍ଷା ଦେଇପାରି ନ ଥିବା ଛାତ୍ରଛାତ୍ରୀ ନିଜର ୟୁଜି ମାର୍କ ଆଧାରରେ ଏମ୍‌ବିଏ ପଢ଼ିପାରିବେ । ଓଜେଇଇ କାଉନସେଲିଂ ଶେଷ ହେବା ପରେ ଖାଲି ସିଟ୍‌ଗୁଡ଼ିକ ପୂରଣ ପାଇଁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ୟୁଜି ମାର୍କକୁ ଭିତ୍ତି କରି ଏକ ମେଧାବର ତାଲିକା ପ୍ରସ୍ତୁତ କରି ଓଜେଇଇ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରି ଏମ୍‌ବିଏ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ନେଇପାରିବେ । ଏଆଇସିଟିଇ ଓ ଓଜେଇଇର ଏଭଳି ସମୟ ଉପଯୋଗୀ ପଦକ୍ଷେପ ସ୍ୱାଗତଯୋଗ୍ୟ ।

# ଓଡ଼ିଶାରେ ଗୀତିନାଟ୍ୟ ପରମ୍ପରା ବିକାଶରେ ଗଣକବି ବୈଷ୍ଣବ ପାଣିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ଓଡ଼ିଆ ଯାତ୍ରା, ସୁଆଙ୍ଗ, ରାସ, ଗୀତିନାଟ୍ୟ ଓ ଲୋକନାଟ୍ୟ ଆନ୍ଦୋଳନର ଭୀଷ୍ମ ପିତାମହ, ସମାଜ ସଂସ୍କାରକ, ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣର ବାର୍ତାବହ ଗଣକବି ବୈଷ୍ଣବ ପାଣିଙ୍କ ୧୩୯ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜ୍ୟ ପାଠାଗାର ନିକଟସ୍ଥ ପ୍ରତିମୂର୍ତିସ୍ଥଳୀରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଗଣକବିଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ମାହାଙ୍ଗା ମାଟିର କୋଠପଦା ଗ୍ରାମରେ ପବିତ୍ର କୁମାର ପୂର୍ଣ୍ଣିମା ତିଥିରେ ଜନ୍ମଗ୍ରହଣ କରି କଟକରେ ଇହଲୀଳା ସମ୍ବରଣ କରିଥିବା ଗଣକବି ବୈଷ୍ଣବ ପାଣି ପିଲାବେଳୁ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ପ୍ରତିକୂଳ ପରିବେଶରେ ନିଜ ପ୍ରତିଭା ବଳରେ ପାଲା ଗାୟକ, ମଂଚ ନାଟକରେ ଅଭିନୟ କରିବା ସଙ୍ଗେସଙ୍ଗେ ଗୀତିନାଟ୍ୟ ରଚନା କରି ତାହାକୁ ସମଗ୍ର ରାଜ୍ୟର କୋଣ ଅନୁକୋଣରେ ସହିତ କଲିକତା, ପ୍ରବାସୀ ଓଡ଼ିଆ ଭାଷାଭାଷୀ ଅଂଚଳରେ ପରିବେଷଣ କରି ରାଜ୍ୟର କଳା, ସଂସ୍କୃତି ଓ ଲୋକନାଟ୍ୟ ପରମ୍ପରାକୁ ସମୃଦ୍ଧ କରିଥିଲେ । ତାଙ୍କ ନାଟକ ଓ ଅଭିନୟରେ ଜାତୀୟତାବାଦୀ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ବାର୍ତା ଲୋକଙ୍କୁ ଉଦବୁଦ୍ଧ କରୁଥିଲା ଯେଉଁଥିପାଇଁ ଅଧିକାଂଶ ସମୟରେ ବ୍ରିଟିଶ୍ ପୋଲିସ୍ ଅଧାରୁ ତାଙ୍କ ନାଟକ ବନ୍ଦ କରୁଥିଲା । ଜାତିଭେଦ ପ୍ରାଚୀର ଭାଙ୍ଗିବାକୁ ଯାଇ ସେ ଜଣେ ଦଳିତ ମହଳାଙ୍କୁ ଜୀବନ ସଙ୍ଗିନୀ କରି ସାମାଜିକ ବାସନ୍ଦ, ନିର୍ଯ୍ୟାତନା ଓ ଲାଞ୍ଛନାର ଶୀକାର ହୋଇଥିଲେ । ତାଙ୍କର ଗୀତିନାଟ୍ୟ ଗାଁ ଗାଁରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ମଂଚସ୍ଥ ହୋଇ ରାଜ୍ୟରେ ଏକ ନୂତନ ନାଟ୍ୟ ଆନ୍ଦୋଳନ ଗଢ଼ି ତୋଳିଥିଲା । ଆଜି ଚଳଚ୍ଚିତ୍ର, ଟେଲି ସିରିଏଲ୍, ମୋବାଇଲ୍ ମନୋରଞ୍ଜନ ପ୍ରଭାବରେ ଗୀତିନାଟ୍ୟ ପରମ୍ପରା ବିଲୁପ୍ତ ପଥରେ ଥିବାବେଳେ ଏହାର ବିକଶିତ ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ପଂଚାୟତିରାଜ, ପାନୀୟ ଜଳଯୋଗାଣ, ଆଇନ୍, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ରାଜ୍ୟରେ କଳା ସଂସ୍କୃତିର ବିକାଶ ସହ ପୂଜ୍ୟପୂଜା ପରମ୍ପରା ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇ ରାଜ୍ୟର ବରପୁତ୍ରମାନଙ୍କ ପୂଜ୍ୟପୂଜାକୁ ଗୁରୁତ୍ୱ ଦେଇଛନ୍ତି । ଗ୍ରାମାଂଚଳରୁ ରାଜଧାନୀ ପର୍ଯ୍ୟନ୍ତ ଏହାକୁ ପ୍ରସାରିତ କରିଛନ୍ତି ଏହାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୁଚାରୁ ରୂପେ କାର୍ଯ୍ୟକାରୀ କରୁଥିବାରୁ ସନ୍ତୋଷ ପ୍ରକଟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୁରେଶ କୁମାର ରାଉତରାୟ, ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ ଓ ତାଙ୍କ ଜୟ ଓଡ଼ିଶା ଟିମ୍, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ, ଶତପଥୀ, ବି. ମୁରଲୀଧର, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଠ ନାୟକ, ଦେବଜାନୀ ଦାଶ, ସତ୍ୟବ୍ରତ ଜେନା, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ଓ ତାଙ୍କ ଟିମଙ୍କ ସହିତ ମାହାଙ୍ଗା ମାଟିର ସନ୍ତାନମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମନ୍ତ୍ରୀ କବି ନାରାୟଣ ମୁଦୁଲିଙ୍କୁ ଗଣକବି ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ । ଏହା ବ୍ୟତୀତ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତଜ୍ଞ ବଶିଷ୍ଠ ନାୟକ, ସ୍ୱାସ୍ଥ୍ୟକର୍ମୀ ସୁଭାଷ ଚନ୍ଦ୍ର ସାହୁ, ଗ୍ରନ୍ଥାଗାରିକ ରୁଦ୍ର ପ୍ରସାଦ ବେହେରାଙ୍କ ସହିତ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭିକାରୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୁସିର ସରଳ ମାର୍ଗ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପାରିବାରିକ ଅବସ୍ଥା ବିପର୍ଯ୍ୟସ୍ତରୁ ସାମାଜିକ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟୟ । ଏହା ମଧ୍ୟ ସ୍ୱାର୍ଥପରତାର ଦିଗକୁ ବୁଝାଉଛି ଯେ ପ୍ରତ୍ୟେକ ବ୍ୟକ୍ତି ନିଜ ଭିତରେ ହଜିଯାଇଛି । ପ୍ରତ୍ୟେକ ପିତା ନିଜ ପୁଅକୁ ଉପଲବ୍ଧ କରାଇବା ପାଇଁ ସମସ୍ତ ପ୍ରକାରର ପ୍ରୟାସ, କଠିନ ପରିଶ୍ରମ ଏବଂ ଆଶୀର୍ବାଦ କରନ୍ତି, କିନ୍ତୁ ପୁଅ ଏହାକୁ ପ୍ରଶଂସା କରେ ନାହିଁ । ପୁଅ ଯେତେବେଳେ ପିତା ହୁଏ, ସେତେବେଳେ କେବଳ ଏସବୁ ତାଙ୍କ ମୁଣ୍ଡରେ ପ୍ରବେଶ କରିବ, ସେତେବେଳେ ବୁଝିଯିବ ।

ଏସବୁ ଦୃଷ୍ଟିରୁ ଆଜିର ପରିସ୍ଥିତିରେ, ଜୀବନ କଷ୍ଟସାଧ୍ୟ ହୋଇପଡିଛି । ସଂଘର୍ଷର ଏକ ଲମ୍ବା ତାଲିକା ସବୁଆଡେ ଚାଲିଛି । ସମସ୍ତେ ନିଜ ଇଚ୍ଛାରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି । ରାଜନୈତିକ, ସାମାଜିକ ତଥା ପାରିବାରିକ ଏହି ତିନୋଟି ବ୍ୟବସ୍ଥା ଆଜି ଧୂଳିସାତ୍ ହୋଇଯାଇଛି । ଲୋକମାନେ ନିଜ ଉପରେ ଭଲ କୁହନ୍ତି, କିନ୍ତୁ ଅନ୍ୟ ଉପରେ ଥରେ ଭଲ କହିବା ଦେଖିବାକୁ ମିଳିନି । ସମସ୍ତେ ନିଜ ପାଇଁ, କଥାରେ ଅଛି ଆପେ ବଞ୍ଚିଲେ ବାପର ନାଁ । ଅନେକ ସରଳ ବ୍ୟକ୍ତି ଅଛନ୍ତି ବଞ୍ଚିଥିଲେ ମଧ୍ୟ ବଞ୍ଚନ୍ତି ନାହିଁ । ସମଗ୍ର ଜୀବନ ସୁଖ ଏବଂ ଦୁଃଖରେ ଗତିଶୀଳ । ଏହାକୁ ଭଲ ଭାବରେ ବୁଝିବା ଉଚିତ୍ । ପ୍ରତ୍ୟେକ ବ୍ୟକ୍ତି ଜୀବନ ଏପରି ଦୁଃଖ ଏବଂ ସୁଖର ନଦୀ ଭଳି । ଯେଉଁଥିରେ ପ୍ରତ୍ୟେକ ମୁହୂର୍ତ୍ତରେ ବଞ୍ଚିବାର ଆଲୋକ ଆସେ ଓ ପ୍ରମାଣ କରେ ଯେ ଜୀବନ ଏକ ନଦୀ ପରି, ଯାହା ଆଗକୁ ବଢି ଚାଲିଛି । ସମସ୍ତେ ଏଠାକୁ ଅନୁଭବ କଲେ, ଜୀବନରେ ଦୁଃଖ ବଦଳରେ ସୁଖ ଅନୁଭବ କରିହେବ ଓ ଖୁସି ହାତ ପାହାନ୍ତରେ ଖସି ପଡ଼ିବ । ନୋହିଲେ ଏହି ଜୀବନ ଏକଚାଟିଆ ହୋଇଯିବ । ଜୀବନର ଅର୍ଥ କେବଳ ଦୁଃଖ ଓ ସୁଖର ସମାହାର । ଜୀବନ ହେଉଛି ଆତ୍ମା ଏବଂ ସେହି ସମାନ ଈଶ୍ୱର ଯାହାକୁ ଭଗବାନ ଭାବରେ ବିବେଚନା କରାଯାଏ । ଯଦି ଏହା ବାସ୍ତବ, ତେବେ ମଣିଷ ମନୁଷ୍ୟରେ ବସିଥାଏ । ଏହାକୁ ବିଶ୍ୱାସ କର ଓ ଜୀବନକୁ ଉତ୍ସର୍ଗ କର, ଏହା ଜୀବନକୁ ସେବାରେ ସଫଳ କରିବ । ଦୁଃଖ ସ୍ୱାଭାବିକ ସୁଖରେ ରୂପାନ୍ତରିତ ହେବ, ତାହାହିଁ ଖୁସି ପାଲଟି ଯିବ..!!!

ଉ ଅଧ୍ୟକ୍ଷ,
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫

## କେ.ସି.ପୁର ପଞ୍ଚାୟତର ଡାଇରିଆ ସନ୍ଦେହ : ୩ଜଣଙ୍କ ମୃତ୍ୟୁକୁ ନେଇ ଗ୍ରାମର ଆତଙ୍କ

ନୀଳଗିରି,୨୧/୧୦ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ କେ.ସି.ପୁର ପଞ୍ଚାୟତର ଟୁଲୁଙ୍ଗଡାବ ଗ୍ରାମରେ ଡାଇରିଆ ଆତଙ୍କ ଦେଖାଦେଇଛି । ମାତ୍ର ମାସକ ମଧ୍ୟରେ ଝାଡାବାନ୍ତିରେ ପଡ଼ି ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଘଟଣାକୁ ନେଇ ଗ୍ରାମବାସୀ ବିଚଳିତ ହୋଇପଡ଼ିଛନ୍ତି । ପ୍ରଶାସନିକ ଅଧିକାରୀମାନେ ଘଟଣାକୁ ନେଇ ତଦନ୍ତ କରୁଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଆଦିବାସୀ ବହୁଳ ଟୁଲୁଙ୍ଗଡାବ ଗାଁରେ ବସବାସ କରୁଥିବା କିଛି ପରିବାର ସଦସ୍ୟ ମାସକ ପୂର୍ବରୁ ଅସୁସ୍ଥ ହୋଇପଡ଼ିଥିଲେ । ଜଣକ ପରେ ଜଣେ ଅସୁସ୍ଥ ହୋଇ ନୀଳଗିରି, ବରହମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ମାସକ ମଧ୍ୟରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଉକ୍ତ ଗ୍ରାମର ଟୁକିଲ ପଲେଇ (୬୫), ସଂଜୟ ବିଶ୍ୱାଳ (୧୮), ଚୁଡ଼ାମଣି ପଡ଼ିଆର (୪୭) ଡାଇରିଆ ହେବାରୁ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଗାଁରେ ଥିବା ନଦୀ, ନାଳ, ନଳକୂପ ରୁ ପାଣି ବ୍ୟବହାର କରୁଥିବା ବେଳେ ହୁଏତି ଏହି ପାଣି ବିଷାକ୍ତ ହୋଇ ଡାଇରିଆ ବ୍ୟାପିଥିବା ରୁ ୩ଜଣଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀମାନେ ସନ୍ଦେହ କରୁଛନ୍ତି । ମାସକ ମଧ୍ୟରେ ଗୋଟିଏ ଗ୍ରାମର ୩ଜଣଙ୍କର ମୃତ୍ୟୁ ଖବର ପାଇ ଆଜି ସ୍ୱାସ୍ଥ୍ୟ ବିଭାଗରୁ ଏକ ଟିମ୍ ଓ ବରହମପୁର ମେଡିକାଲ ଅଫିସର ସୁରଜ ଜେନା, ବେତକଟା ମେଡିକାଲ ଅଫିସର ପଙ୍କଜ ଭୋଳ, ଷ୍ଟାଫ ନର୍ସ, ଆଶା ଦିଦି, ଏ.ଏନ.ଏମ. ଗାଁକୁ ଯାଇ ତଦନ୍ତ କରିଛନ୍ତି । ଗାଁରେ ଥିବା ନଳକୂପ ଏବଂ ନଦୀର ପାଣି ନମୁନା ସଂଗ୍ରହ କରି ଆଣିଥିବା ବେଳେ ବିଭିନ୍ନ ସ୍ଥାନରେ ବ୍ଲିଚିଂ କରାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶହେ କୋଟି ଟିକା କ୍ଲବରେ....

ସବୁଠୁ ଭଲ ପ୍ରଦର୍ଶନ ରହିଛି। NITI ଆୟୋଗର ଡ. ଭି.କେ ପାଲ କହିଛନ୍ତି ଯେ ଭାରତରେ ଟିକାକରଣ ଆରମ୍ଭ ହେବାର ୯ ମାସ ମଧ୍ୟରେ ୧୦୦ କୋଟି ଡୋଜ ମାର୍କରେ ପହଞ୍ଚିବା ଦେଶ ପାଇଁ ଉଲ୍ଲେଖନୀୟ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଟ୍ୱିଟ୍ ? କରି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦକ୍ଷ ନେତୃତ୍ୱର ଫଳାଫଳ ବୋଲି ସେ କହିଛନ୍ତି।

### ପଂଚାୟତ ନିର୍ବାଚନ....

ବକ୍ସର ମରାମତି ଓ ରଙ୍ଗ କରାଇବା ପାଇଁ ନିର୍ବାଚନ କମିଶନ ସମସ୍ତ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଏଥି ନିମନ୍ତେ ୧ କୋଟି ୧୬ ଲକ୍ଷ ଟଙ୍କା ଜିଲ୍ଲାଗୁଡ଼ିକୁ ପ୍ରଦାନ କରାଯାଇଛି ଏବଂ ୧୫/୧୧/୨୦୨୧ ସୁଦ୍ଧା ଏ ସମସ୍ତ କାର୍ଯ୍ୟ ସଂପନ୍ନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ପରେ ଭୋଟଗଣତି ସଂପର୍କରେ ନିର୍ବାଚନ କମିଶନ ଏକ ବିସ୍ତୃତ ନିୟମାବଳୀ ଜାରି କରିଛନ୍ତି । ଏଥର ପଂଚାୟତ ନିର୍ବାଚନ ଭୋଟଗଣତି ବ୍ଲକ୍ ମୁଖ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଜିଲ୍ଲାପାଳ ଭୋଟଗଣତି ସଂପର୍କରେ ଜାରି କରାଯାଇଥିବା ବିସ୍ତୃତ ନିୟମାବଳୀକୁ ଅନୁଧ୍ୟାନ କରିବା ପାଇଁ କମିଶନ ତରଫରୁ କୁହାଯାଇଛି। ଜିଲ୍ଲାପାଳମାନେ ବ୍ଲକ୍ ମୁଖ୍ୟାଳୟରେ ଭୋଟଗଣତି କେନ୍ଦ୍ର ଚିହ୍ନଟ ସହ ପ୍ରସ୍ତୁତ କରି ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ନିର୍ବାଚନ କମିଶନ ହେବାକୁ ଥିବା ପଂଚାୟତ ନିର୍ବାଚନ ନିମନ୍ତେ ଜାନୁଆରୀ ୨୦୨୧ରେ ପ୍ରକାଶ ପାଇଥିବା ବିଧାନସଭା ନିର୍ବାଚନ ମଣ୍ଡଳୀ ଭୋଟର ତାଲିକା ସମସ୍ତ ଜିଲ୍ଲାଗୁଡ଼ିକୁ ସି.ଡ଼ି (ଏକ୍ସଲ୍ ଫର୍ମାଟ୍) ଜରିଆରେ ପଠାଯାଇଛି । ଏହାକୁ ଆଧାର କରି ଜିଲ୍ଲା ସମୂହ (ଏକ୍ସେଲ ଫର୍ମାଟ)ରେ ଆସନ୍ତା ୨୦୨୨ରେ ହେବାକୁ ଥିବା ପଂଚାୟତ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ୨୫ ଅକ୍ଟୋବର ସୁଦ୍ଧା ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ନିଯୁକ୍ତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୦୫/୧୧/୨୦୨୧ ସୁଦ୍ଧା ପଂଚାୟତ ନିର୍ବାଚନ ନିମନ୍ତେ ଭୋଟ ଗ୍ରହଣ କେନ୍ଦ୍ର ଚିହ୍ନଟ କରିବା ପାଇଁ ଜିଲ୍ଲାପାଳମାନଙ୍କୁ କୁ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁଠାରେ ଭୋଟ ଗ୍ରହଣ ନିମନ୍ତେ ସୁବିଧା ନଥିବ ସେଠାରେ ଅସ୍ଥାୟୀ ଭୋଟ ଗ୍ରହଣ କେନ୍ଦ୍ର ନିର୍ମାଣ କରାଇବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରରେ ବାଲାଟ ବକ୍ସ କଭର କିଣିବା ପାଇଁ ୩୦/୧୧/୨୦୨୧ରିଖ ସୁଦ୍ଧା ଶେଷ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ନିର୍ବାଚନ କମିଶନଙ୍କ ସହ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ପଂଚାୟତ ଅଧିକାରୀ, ନିର୍ବାଚନ କମିଶନଙ୍କ ସଚିବ ରବିନ୍ଦ୍ର ନାଥ ସାହୁ, ଉପସଚିବ ଆଜାଦ୍ ହିନ୍ଦ ପାଣିଗ୍ରାହୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ମମିତା ମେହେର ହତ୍ୟା ମାମଲାରେ....

ସେମାନେ ଛାତ୍ରୀ ହଷ୍ଟେଲକୁ ଯାଇଥିଲେ। ମମିତା ରହୁଥିବା ରୁମ୍‌ରେ ଖାନତଲାସୀ କରିଥିଲେ। ଏପରିକି ହଷ୍ଟେଲ୍ କର୍ମଚାରୀଙ୍କୁ ପଚରାଉଚରା କରାଯାଥିବା ଚର୍ଚ୍ଚା ହେଉଛି। ତେବେ ସିକ୍ରେଟ୍ ରୁମ୍‌କୁ ଯାଇଛନ୍ତି କି ନାହିଁ, ସେ ସମ୍ପର୍କରେ ପୁଲିସ କିଛି କହିନାହିଁ । ସୂଚନାରୁ ପ୍ରକାଶ, ସନ୍‌ସାଇନ୍ ସ୍କୁଲର ଗର୍ଲସ ହଷ୍ଟେଲ୍‌ରେ ଏକ ୱେଲ୍ ଫର୍ନିସିଡ୍ ରୁମ୍ ରହିଛି। ଯେଉଁଠି ଛାତ୍ରୀଙ୍କୁ ଛାଡ଼ିବାକୁ ଆସୁଥିବା ଅଭିଭାବକମାନେ ରହିବାର ବ୍ୟବସ୍ଥା ରହିଥିଲା। କିନ୍ତୁ ସେଠାରେ ଅଭିଭାବକମାନେ ରହିବା ପରିବର୍ତ୍ତେ ରାଜନେତାମାନେ ରାତ୍ର ଯାପନ କରୁଥିଲେ। ଏପରିକି ଗୋବିନ୍ଦ ସାହୁ ଖୋଦ୍ ସେଠାକୁ ଯାଉଥିଲେ ବୋଲି ଆଲୋଚନା ହେଉଛି। ସେଠାରେ କୁଆଡେ ସେକ୍ସ ରାକେଟ୍ ଚାଲୁଥିଲା ବୋଲି ଅଭିଯୋଗ ହେଉଥିଲା। ମମିତା ମେହେର ମୃତ୍ୟୁ ମାମଲାରେ ବର୍ତ୍ତମାନ ସୁଦ୍ଧା ପୁଲିସ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତାଙ୍କ ସାହଯୋଗୀ ରାଧେକୁ ଗିରଫ କରିଛି। ଅଟକ ଥିବା ଅନ୍ୟ ୨ ଜଣଙ୍କୁ ରାଜସାକ୍ଷୀ କରିଛି ପୁଲିସ। ସେମାନେ ହେଲେ ଜେସିବି ଡ୍ରାଇଭର ପୁଷ୍କର ଭୋଇ ଓ ମୁନ୍ସୀ ଗୁପ୍ତେଶ୍ୱର ତାଣ୍ଡି।

### ନଭେମ୍ବର ୨୨ରୁ ନବମ ଶ୍ରେଣୀ....

ଦ୍ୱିତୀୟ ସିଟିଂରେ ସମାଜିକ ବିଜ୍ଞାନ ପରୀକ୍ଷା ହେବ। ସେହିପରି ୨୩ ତାରିଖରେ ପ୍ରଥମ ସିଟିଂରେ ପ୍ରଥମ ଭାଷା ଓ ଦ୍ୱିତୀୟ ସିଟିଂରେ ଗଣିତ ପରୀକ୍ଷା ହେବ। ୨୪ ତାରିଖରେ ପ୍ରଥମ ସିଟିଂରେ ତୃତୀୟ ଭାଷା ଓ ଦ୍ୱିତୀୟ ସିଟିଂରେ ସାଧାରଣ ବିଜ୍ଞାନ ପରୀକ୍ଷା କରାଯିବ। ମୋଟ୍ ୪୦ ନମ୍ବର ମାର୍କର ପରୀକ୍ଷା ହେବ। ୨୦ ମାର୍କର ସବ୍ ଜେକ୍ଟିଭ୍ ଓ ୨୦ ମାର୍କର ଅବ୍‌ଜେକ୍ଟିଭ ପରୀକ୍ଷା କରାଯିବ। ଛାତ୍ରଛାତ୍ରୀମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ। ଅନ୍ୟ ସ୍କୁଲରେ ଖାତା ଦେଖା ହେବ। ୨୩ ତାରିଖରୁ ଆରମ୍ଭ ହେବ ଖାତା ଦେଖା। ୩୦ ତାରିଖ ଖାତାଦେଖା ଶେଷ ହେବ । ତେବେ ଦଶମ ଶ୍ରେଣୀ ସମେଟିଭ୍ ପରୀକ୍ଷା ପାଇଁ ଖୁବ ଶୀଘ୍ର ତାରିଖ ଘୋଷଣା ହେବ। ନଭେମ୍ବର ଶେଷ ଓ ଡିସେମ୍ବର ଆରମ୍ଭରୁ ଏହି ପରୀକ୍ଷା ହେବ ବୋଲି ବୋର୍ଡ଼ ଅଧ୍ୟକ୍ଷ ରାମାସିସ୍ ହାଜରା କହିଛନ୍ତି।

### ବନ୍ୟା ଛାଡିଲା ହେଲେ....

ବନ୍ୟା ପ୍ରଭାବିତ ଅଂଚଳର ସମିକ୍ଷା କରିଛନ୍ତି ଗୃହମନ୍ତ୍ରୀ । ରାଜ୍ୟରେ ୩୫୦୦ ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ଏବଂ ଆବଶ୍ୟକ ମୁତାବକ ରିଲିଫ ମଧ୍ୟ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ଉତରାଖଣ୍ଡରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । ଏବେ ବି ସେଠାରେ ଜାରି ରହିଛି ଉଦ୍ଧାର କାମ । ଏଥିରେ ୧୭ ଟି ଏନଡିଆରଏଫ ଟିମ୍, ୭ ଟି ଏସଡିଆରଏଫ ଓ ୫ ହଜାର ପୋଲିସ ବାହିନୀଙ୍କୁ ମୁତୟନ କରାଯାଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଚାରିଧାମ ଯାତ୍ରାକୁ ସ୍ଥଗିତ କରାଯାଇଛି ।

### ଶାହାରୁଖ ଖାନଙ୍କ ବାସଭବନ....

ମୁମ୍ବାଇ କ୍ରୁଜ ଡ୍ରଗ୍ସ ପାର୍ଟି ଘଟଣା । ଅଡୁଆ ବଢାଇଛି ଆରୟନଙ୍କ ହ୍ୱାଟସଆପ ଚାଟ୍ । ଗତ ଅକ୍ଟୋବର ୨ ତାରିଖରେ ସାମ୍ନାକୁ ଆସିଥିଲା ମୁମ୍ବାଇରେ ମଧ୍ୟରାତିରେ କ୍ରୁଜ ଡ୍ରଗ୍ସ ପାର୍ଟି ଘଟଣା । ଏହି ଘଟଣାରେ ବର୍ତମାନ ସୁଦ୍ଧା ୧୯ ଜଣଙ୍କୁ ଗିରଫ କରାଯାଇ ସାରିଲାଣି । ଗିରଫଙ୍କ ମଧ୍ୟରେ ସବୁଠାରୁ ଚର୍ଚିତ ନାଁ ଆରୟନ ଖାନ । ବଲିଉଡ ଷ୍ଟାର ଶାହାରୁଖଙ୍କ ପୁଅ ଏହି ମାମଲାରେ ଛନ୍ଦି ହେବା ପରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ଆରୟନଙ୍କ ନିକଟରେ ପ୍ରତ୍ୟକ୍ଷ ଭାବରେ କୌଣସି ଡ୍ରଗ୍ସ ଜବତ ହୋଇନାହିଁ । କିନ୍ତୁ ସେ ମନ୍ନତରୁ ଯେଉଁ ସାଙ୍ଗ ମାନଙ୍କ ସହିତ ଯାଇଥିଲେ ସେହି ସାଙ୍ଗଙ୍କ ନିକଟରୁ ଉଦ୍ଧାର ହୋଇଛି ଡ୍ରଗ୍ସ । ଆରୟନଙ୍କ ମୋବାଇଲରେ ହ୍ୱାଟସ ଆପ୍ ଚାଟରୁ ମିଳିଛି ଡ୍ରଗ୍ସ ଚାଟ୍ । ଯାହା ଏବେ ଏନସିବିକୁ ତଦନ୍ତରେ ଅଧିକ ଖିଅ ଯୋଗାଇଛି । ସୂଚନା ରହିଛି ଏନସିବି ଟିମ୍ ଏହି ଚାଟ ମଧ୍ୟରେ କିଛି ଚାଟ୍ ଆରୟନ ଓ ଡ୍ରଗ୍ସ ପେଡଲରଙ୍କ ମଧ୍ୟରେ ହୋଇଛି । ଯେଉଁଥିପାଇଁ ଆରୟନଙ୍କୁ ଜାମିନ୍ ମିଳିବା ବି କଷ୍ଟକର ହୋଇଯାଉଛି ।

## ବିଶିଷ୍ଟ ବ୍ୟବସାୟୀ ସୁଦର୍ଶନ ଗିରିଙ୍କ ପରଲୋକ



ବାଲିଆପାଳ,୨୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ସିମୁଳିଆ ବଜାରର ବିଶିଷ୍ଟ ବ୍ୟବସାୟୀ ସୁଦର୍ଶନ ଗିରିଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଗତ କିଛି ମାସ ହେଲା ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲା ବେଳେ ଖଗଡାପାଳସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଗିରି ସିମୁଳିଆ ବଜାରରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବ୍ୟବସାୟ କରିଆସୁଥିବା ସହ ବଜାରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଥା ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ । ଜଣେ କ୍ରୀଡା ପ୍ରେମୀ ଭାବରେ ଅଂଚଳରେ କ୍ରୀଡାକୁ ପ୍ରତ୍ସାହାନ ଦେବ କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ । ତାଙ୍କ ମୃତ୍ୟୁରେ ସିମୁଳିଆ ବଜାର କମିଟି ପକ୍ଷରୁ ଶୋକ ବ୍ୟକ୍ତ କରିବା ସହ ଦୋକାନ ବଜାର ବନ୍ଦ ରଖାଯାଇଥିଲା । ପୂର୍ବତନ ସରପଂଚ ମୁରଲୀମୋହନ ସାହୁ,ବଣିକ ସଂଘର ରଜନୀକାନ୍ତ ଗିରି,କାହ୍ନୁଚରଣ ପ୍ରମାଣିକସ,ଅଦ୍ୱୈତ ବାଗ,ଶମ୍ଭୁନାଥ ଆଚାର୍ଯ୍ୟ,ଶ୍ରୀପତି ନାୟକ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ପୁତ୍ର ଗୌରାଙ୍ଗ ଗିରି ମୁଖାଗ୍ନି ଦେଇଥିଲେ ।

## ଯୋଗଶିକ୍ଷା କେନ୍ଦ୍ରରେ ଶିବମୁନିଙ୍କ ଜନ୍ମଜୟନ୍ତୀ



ବସ୍ତା,୨୧/୧୦ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ମୁନି ସମାଜର ପ୍ରତିଷ୍ଠାତା ଆଦିମୁନିଶ୍ୱର ଶିବମୁନିଜୀଙ୍କର ୧୩୭ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି କ୍ଷ ଆଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ବାରିକ ଏହି ଉତ୍ସବ ରେ ସଭାପତିତ୍ୱ କରି ସତ୍ୟପତାକା ଉତ୍ତୋଳନ କରିଥିଲେ । ସମୂହ ପ୍ରଣବ, ବେଦପାଠ କରାଯିବା ପରେ ଶିବମୁନିଜୀଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳୀ ଅର୍ପଣ କରାଯାଇଥିଲା । ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମିସ୍ତ୍ରୀ ଶିବମୁନିଜୀଙ୍କ ଜୀବନୀ ଏବଂ ଦର୍ଶନ ଉପରେ ଆଲୋକପାତ କରିଥିଲେ ।ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ଶିବ ବଚନାମୃତ ପାଠ କରିଥିଲେ । ଯୋଗ ଶିକ୍ଷୟତ୍ରୀ ତଥା କଣ୍ଠଶୀଳ୍ପୀ ମଞ୍ଜୁଲତା ବେହେରା ସୁଲଳୀତ କଣ୍ଠରେ ଗୁରୁବନ୍ଦନା ଗାନ କରିଥିଲେ । ମୁନିରାଜ୍ଞୀ ସୁମତୀ ଦଳାଇ ମୁନି ସଂଗୀତ ଗାନ କରିଥିଲେ । ମୁନିମତୀ ବାସନ୍ତୀ ମହାଳୀକ,ମୁନିରାଜ୍ଞୀ ବିମଳା ଲେଙ୍କା,ସୀତା ବେହେରା,ଯମୁନା ବର,ମିନତୀ ବର,ଉର୍ମିଳା ରାଉଳ,ରେଣୁକା ବେହେରା,ମୁନି ଗଣେଶ୍ୱର, ପ୍ରଫୁଲ୍ଲ ବାରିକ, ଗୋରହରି ବାରିକ, ନାରାୟଣ ମହାପାତ୍ର, ସାଧନ ସିଂ,ସୁଦର୍ଶନ ବର, ମୁନି ସତୀ ମାଳତୀ ବେଦ, ଫୁଲମଣୀ ବେହେରା, ମୁନି କୁମାର ତାପସ,ମୁନି କୁମାର ତ୍ରୀସାନ୍, ମୁନି କୁମାରୀ ମିନତୀ ଦଳାଇ,ପ୍ରିୟାନ୍ସୀ ପ୍ରିୟଦର୍ଶନୀ ବେହେରା ପ୍ରମୁଖ ଏହି ଉତ୍ସବ ରେ ଯୋଗ ଦେଇଥିଲେ କ୍ଷ ଶେଷରେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଦୃଶ୍ୟମାନ ପାଇପ ଯୋଗେ ତୈଳ ଦେବାକୁ ଦାବି

ବସ୍ତା,୨୧/୧୦ (ନିପ୍ର)ବାଲେଶ୍ୱର ଜିଲା ର ବସ୍ତା, ହଳଦୀପଦା, ନିଧିପଣ୍ଡା, ଅ ମର୍ଦକ୍ଷରୋଡ଼୍, ରାଜଘାଟ ସମେତ ରାଜ୍ୟବ୍ୟାପୀ ସମସ୍ତ ପେଟ୍ରୋଲ ପମ୍ପରେ ତୈଳ ଠକେଇ ରୋକାଯିବା ପାଇଁ ଦୃଶ୍ୟମାନ ପାଇପ ଯୋଗେ ଗ୍ରାହକଙ୍କୁ ତେଲ ପ୍ରଦାନ କରାଯିବାକୁ ଦାବୀ ହୋଇଛି । ପେଟ୍ରୋଲ ପମ୍ପ ଗୁଡିକ ରେ ବିଭିନ୍ନ ସମୟ ରେ ଗ୍ରାହକ ମାନେ ଠକେଇ ର ଶୀକାର ହେଉଥିବା ଅଭିଯୋଗ ହୋଇଆସୁଛି । ଏଠାରେ ତୈଳ ଦେବା ଆରମ୍ଭ ରୁ ଜିରୋ ପରେ ୪ କିମ୍ବା ୫ ରୁ କାଉଁଟିଂ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି କ୍ଷ ଦୃଶ୍ୟମାନ ପାଇପ ରେ ପେଟ୍ରୋଲ ଓ ଡିଜେଲ ଦିଆଯାଉ ନ ଥିବାରୁ ବାଇକ, ଭ୍ୟାନର ଟାଙ୍କି ଭିତରକୁ ସଠିକ ପରିମାଣରେ ତୈଳ ଯାଉଛି କି ନାହିଁ ସେଥିପାଇଁ ସନ୍ଦେହ ଦେଖାଦେଇଛି କ୍ଷ ଏ ସମ୍ପର୍କରେ ସରକାର ଓ ତୈଳ କମ୍ପାନୀ ନଜର ଦେଇ ଦୃଶ୍ୟମାନ ପାଇପ ରେ ତୈଳ ପ୍ରଦାନ ପାଇଁ ରାଜଘାଟ ଅଂଚଳର ଯୁବ ସମାଜସେବୀ ଦୀପ୍ତିମାନ ପତି ଦାବୀ କରିଛନ୍ତି । ଏହା ଦ୍ୱାରା ବିକ୍ରେତା ଓ ଗ୍ରାହକ ଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟି ହୋଇପାରିବ ବୋଲି ସେ ଏକ ପ୍ରେସ ବିବୃତି ରେ କହିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୯୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଓ ସୁନ୍ଦରଗଡ ଜିଲ୍ଲାରେ ୧-୧ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ହାତିଗଡରେ ଶିବମୁନିଜୀଙ୍କର ୧୩୭ ତମ ଜନ୍ମଜୟନ୍ତୀ ପାଳନ



ହାତିଗଡ,୨୧/୧୦ (ନି.ପ୍ର): ସକାଳ୧୦ ଘଟିକା ସମୟରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପ୍ରତିଷ୍ଠାତା ଆଦିମୁନିଶ୍ୱର ଯୋଗେଶ୍ୱର ସଦ୍ଗୁରୁଦେବ ରେଶିବମୁନିଜୀଙ୍କର ୧୩୭ ତମ ଜନ୍ମଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଅଛି । ସଭାପତି ଆସନ ଅଳଙ୍କୃତ କରିଥିଲେ ମୁନି କାଳି ଚରଣ ହାଁସଦା । ମୁଖ୍ୟ ବକ୍ତା ଥିଲେ ମୁନି ଉଦୟ ହରି ଟୁଡୁ । ସହଯୋଗ କରିଥିଲେ - ମୁନିମତୀ ସୀତା ହେମ୍ବ୍ରମ୍,ଫୁଲ ହେମ୍ବ୍ରମ୍, ରାନୀ ଟୁଡୁ, ଗୀତା ହେମ୍ବ୍ରମ୍,ବାସନ୍ତୀ ଟୁଡୁ, ମିନତୀ ଟୁଡୁ,ପୁଷ୍ପଲତା ହାଁସଦା, ଗୌତମୀ ହେମ୍ବ୍ରମ୍,ଦାସୀ ହାଁସଦା, ମୁନି ମୁକୁଲ ଟୁଡୁ ,ମୁନି କୁମାର ଧର୍ମପଦ ଟୁଡୁ ଏବଂ ମୁନି କୁମାରୀ ଅଞ୍ଜଳୀ ଟୁଡୁ ଇତ୍ୟାଦି । ମୁଖ୍ୟ ବକ୍ତା ଶିବମୁନିଜୀଙ୍କର ଜୀବନୀ ଏବଂ ଦର୍ଶନ ଉପରେ ଆଲୋକ ପାତ କରିଥିଲେ । ସଭାପତି ତାଙ୍କ ଭାଷଣରେ କହିଥିଲେ ଯେ, ଜଣେ ଯଦି ମୁନି ସମାଜର ଯମ, ନିୟମ ପାଳନ କରି ପ୍ରତିଦିନ ଯୋଗସାଧନ କରି ଚାଲିବ ସେ ନିଶ୍ଚୟ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସୁଖ-ଶାନ୍ତି-ଆନନ୍ଦ ଲାଭକରିଚାଲିବ । ଦୁଃଖ ତା ପାଖକୁ ଆସିପାରିବ ନାହିଁ । ଆଲୋକ ପାଖରେ ଯେପରି ଅନ୍ଧକାର ରହିପାରେ ନାହିଁ । ଶେଷରେ ମୁନି ସୁକୁଲ ଟୁଡୁ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ହାତିଆଡିହା ଆଶ୍ରମର ଯୋଗ ଶିକ୍ଷକ ଯୋଗୀ ଭିକାରୀ ଚରଣ ମୁନିଙ୍କ ପ୍ରେରଣାରେ ଏହା ହୋଇପାରିଛି । ତାଙ୍କୁ ଶତକୋଟି ଜୟଜୀବ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ

ଭୁବନେଶ୍ୱର,୨୧/୧୦ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୮୪୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୩୭,୯୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଔପଦା ବିଜୁ ଯୁବ ଜନତା ଦଳର ବ୍ଲକ ଉପସଭାପତି ଲକ୍ଷ୍ମୀଧର ପଣ୍ଡାଙ୍କ ଦଳରୁ ଇସ୍ତଫା

ନୀଳଗିରି,୨୧/୧୦ (ନି.ପ୍ର): କିଛି ଦିନ ଧରି ନୀଳଗିରି ନିର୍ବାଚନ ମଣ୍ଡଳୀରେ କର୍ମୀମାନଙ୍କ ମଧ୍ୟରେ ଦଳଡିଆଁ ଏକ ପ୍ରହସନ ପାଲଟିଥିଲା ବେଳେ ଆଜି ଔପଦା ବ୍ଲକର ବିଜୁ ଜନତା ଦଳର ଉପସଭାପତି ଲକ୍ଷ୍ମୀଧର ପଣ୍ଡା (ବୁଲୁ) ଦଳରୁ ଇସ୍ତଫା ଦେବା ଘଟଣା ବିଜୁ ଜନତା ଦଳକୁ ଶକ୍ତ ଧକ୍କା ଲାଗିଛି । ଔପଦା ବ୍ଲକ ବିଜୁ ଜନତା ଦଳର ସଭାପତି ବିଜୟ କୁମାର ପ୍ରଧାନ ଏବଂ ଶ୍ୟାମସୁନ୍ଦରପୁର ସଭାପତି କପିଳ ସାମଲଙ୍କ ଦଳର କାର୍ଯ୍ୟକଳାପ ଓ ମନମୁଖୀ କାର୍ଯ୍ୟ ଯୋଗୁଁ ବିଜୁ ଜନତା ଦଳର ଦୁର୍ବଳ ହେବାକୁ ଲାଗିଥିଲା ବେଳେ ଲୋକମାନଙ୍କୁ ମିଥ୍ୟାରେ ଚାକିରୀ କରାଇଦେବା ଓ ବିଭିନ୍ନ ସରକାରୀ ଯୋଜନାରେ ଅର୍ନ୍ତଭୁକ୍ତ କରାଇଦେବା କହି ଆର୍ଥିକ ଶୋଷଣ କରିବା, ଦଳର ସ୍ୱଚ୍ଛତାକୁ ପଦାରେ ପକାଇବା ସହ ଦଳର ଏତାଦୃଶ କାର୍ଯ୍ୟକୁ ବିରୋଧ କରି ନିଜର ଇସ୍ତଫାପତ୍ର ଜିଲ୍ଲା ବିଜୁ ଜନତା ଦଳର ସଭାପତି ଏବଂ ଜିଲ୍ଲା ସଭାପତି ଇଂ. ରବିନ୍ଦ୍ର କୁମାର ଜେନାଙ୍କୁ ପଠାଇଥିବା ସୂଚନା ଦେଇଛନ୍ତି । ଅପରପକ୍ଷେ କିଛି ଯୁବନେତା ଶ୍ରୀ ପଣ୍ଡାଙ୍କୁ ଦଳଳରୁ ବହିସ୍କୃତ କରାଯାଇଛି ବୋଲି ଅପପ୍ରଚାର କରୁଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାଗସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରଶାସନିକ ପ୍ରସ୍ତୁତି



ବାରିପଦା,୨୧/୧୦ (ନି.ପ୍ର): ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଚଳିତ ଅକ୍ଟୋବର ୨୨ ତାରିଖରେ ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ତରରୁ ସମସ୍ତ ବ୍ଲକ ସ୍ତରକୁ ସଂପ୍ରସାରିତ ଉକ୍ତ ଭିଡିଓ କନ୍‌ଫରେନ୍ସି ବୈଠକରେ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ ରିଷିକେଶ ଡି. ଖିଲାରୀ, ପିଡି ଡିଆରଡିଏ ମୟୂରଭଞ୍ଜ ପି. ଅନେଷ୍ଠା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ରୁଦ୍ରନାରାୟଣ ମହାନ୍ତି, ଅତିରକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରକାଶ ଚନ୍ଦ୍ର ବେହେରା ଓ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଶ୍ରୀ ହେମନ୍ତ କୁମାର ସିଂ, ପିଏଆଇଟିଡିଏ ବାରିପଦା, ଡିଆରଡିଏ ଏପିଡି, ଜିଲ୍ଲା ଜରୁରୀ ଅଧିକାରୀ, ଡିଏସ୍‌ପି ଡିଆଇବି ଏବଂ ଜିଲ୍ଲା ଉପଜିଲ୍ଲାପାଳ, ତହସିଲଦାର, ବିଡିଓ ତଥା ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ବୈଠକରେ ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର ହେଲିକପ୍ଟର ଯୋଗେ ଆସି ବାରିପଦା ଛଉ ପଡିଆରେ ଦିବା ୧୧ ଘଟିକା ସମୟରେ ଅବତରଣ କରିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ ଜଣାଇବା ସହିତ ତତ୍‌ପରେ ସହିଦସ୍ମୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ ଦିବା ୧୧.୦୫ମି. ସମୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟକ୍ରମର ଶିଳନ୍ୟାସ ଓ ଉଦ୍‌ଘାଟନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଲାଇଭ୍ ଟେଲିକାଷ୍ଟ ମାଧ୍ୟମରେ ଜିଲ୍ଲାର ସମସ୍ତ ବ୍ଲକକୁ ସଂପ୍ରସାରିତ କରାଯିବା ସକାଶେ ଆନୁସଙ୍ଗିକ ବ୍ୟବସ୍ଥା ଆଦି ପ୍ରସ୍ତୁତି କାର୍ଯ୍ୟ ସଂପର୍କ କରିବାକୁ ଜିଲ୍ଲା ସଂପୃକ୍ତ ବିଭିନ୍ନ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୪/୫ ଟି ଗ୍ରାମପାଂଚାୟତକୁ ନେଇ କ୍ଲଷ୍ଟର ସ୍ତରୀୟ କେନ୍ଦ୍ର ମଧ୍ୟ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି। ଜିଲ୍ଲା ସ୍ତରରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ସାଂସଦ, ମାନ୍ୟଗଣ୍ୟ ନେତୃ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ସ୍ଥିରି କୃତ ହୋଇଛି। ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲା ମହକୁମା ବାରିପଦାରୁ ବିଏସ୍‌କେୱାଇ କାର୍ଡ ବଣ୍ଟନର ଶୁଭାରମ୍ଭ ପରେ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମପଂଚାୟତ କ୍ଲଷ୍ଟର ସ୍ତରୀୟ ୨୨ ରୁ ୨୬ ତାରିଖ ମଧ୍ୟରେ କାର୍ଯ୍ୟ କ୍ରମରେ ଯୋଗ ଦେଉଥିବା ମନ୍ତ୍ରୀ, ବିଧାୟକ ତଥା ମାନ୍ୟଗଣ୍ୟ ନେତୃ ମଣ୍ଡଳୀଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟ ପ୍ରୋଟକଲ ବ୍ୟବସ୍ଥାନୁସାରେ ପରିଚାଳନା କରାଯିବାକୁ ନିଷ୍ପତି ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ ସଂପର୍କରେ ଜନ ସଚେତନତା ପାଇଁ ବ୍ୟାନର, ପ୍ରଚାର ପତ୍ର, ଡାକବାଜି ଯନ୍ତ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଅଛି। ବୈଠକର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଖିଲାରୀ ଜିଲ୍ଲାର ସମସ୍ତ ଆଇଆଇସି ପୋଲିସ ବରିଷ୍ଠ ପୋଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ତଥା ପ୍ରୋଟକଲ ଟିମ୍ ଦ୍ୱାରା ଶୃଙ୍ଖଳିତ ଭାବେ ପରିଚାଳନା କରାଯିବା ଉପରେ ସୂଚାଇଥିଲେ। ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଅବସରେ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାର ତିନି ଅତିରିକ୍ତ ଜିଲ୍ଲାପାଳ, ପିଡିଡିଆରଡିଏ, ସମସ୍ତ ପିଏଆଇଟିଡିଏ, ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ତଦାରଖ ଓ ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ପରାମର୍ଶ ଦେଇଛନ୍ତି।

# ଭଦ୍ରକରେ ମମିତା ମୃତ୍ୟୁ ତାତି

ଭଦ୍ରକ,୨୧/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗ ସ୍ଥିତ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣା ରାଜ୍ୟ ରାଜନିତୀକୁ ସରଗରମ କରିଛି। ଏଥିରୁ ବାଦ ପଡ଼ି ନାହିଁ ଭଦ୍ରକ ଜିଲ୍ଲା। ବୁଧବାର ସଂଧ୍ୟାରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଂଜନ ବାରିକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯିବା ସହ ତୁରନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର ଦାବି କରାଯାଇଥିଲା। ଅନୁରୂପ ଦାବି ନେଇ ଆଜି ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ସବିତା ଚନ୍ଦଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଚନ୍ଦଙ୍କ ସଭାପତିତ୍ୱରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସ ଯୋଗଦେଇ ନବୀନ ବାବୁଙ୍କ ଗାଁକୁ କାମ ମା'କୁ ସମ୍ମାନ ସ୍ଲୋଗାନ୍ ପ୍ରହସନରେ ପରିଣତ ହୋଇଛି ବୋଲି କହିଥିଲେ। ବିଜେଡି ଶାସନ କାଳରେ ମହିଳାଙ୍କ ଉପରେ ନିର୍ଯ୍ୟାତନାର ଅନ୍ତ ଘଟୁ ନାହିଁ। ଅତୀତରେ ଏପରି ବହୁ ଘଟଣା ଘଟିଥିବାବେଳେ, ଏବେ ମମିତାଙ୍କ ବିଭତ୍ସ ହତ୍ୟା ଲଜ୍ୟାଜନକ। ଏହି ହତ୍ୟାକାଣ୍ଡ ଶାସକ ଦଳ ପ୍ରାୟୋଜିତ ବୋଲି ଶ୍ରୀ ଦାସ ଅଭିଯୋଗ କରିଥିଲେ। ସେହିପରି ଭଦ୍ରକ ବିଧାନସଭା ସ୍ତରୀୟ ନେତା ନଳିନୀ ମହାନ୍ତି ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଏପରି ଏକ ସ୍ପର୍ଶକାତର ମାମଲାରେ ସରକାର ଏପର୍ଯ୍ୟନ୍ତ ଚୁପ ବସିବା ଆଶ୍ଚର୍ଯ୍ୟଜନକ ବୋଲି କହିଥିଲେ। ପ୍ରତିବାଦ ସଭାରେ ଅଧ୍ୟକ୍ଷତା କରୁଥିବା ଶ୍ରୀମତୀ ଚନ୍ଦ କହିଥିଲେଯେ ଯେପର୍ଯ୍ୟନ୍ତ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପେଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର କରାନଯାଇଛି, ସେ ପର୍ଯ୍ୟନ୍ତ ନିରପେକ୍ଷ ତଦନ୍ତ ଅସମ୍ଭବ। ତେଣୁ ମନ୍ତ୍ରୀ କ୍ୟାପଟେନ ମିଶ୍ରଙ୍କୁ ତୁରନ୍ତ ବହିଷ୍କାର କରିବା ସହ ଗିରଫ କରିବାକୁ ଦାବି କରିଥିଲେ। ଏହି ଲଜ୍ୟାଜନକ ଘଟଣାରେ ମୁଖ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇ ମମିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଥିଲେ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ ବଣ୍ଟନକୁ ନେଇ ତେଜିଲା ବିବାଦ





ଉଦଳା,୨୧/୧୦ (ନି.ପ୍ର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ର ବଣ୍ଟନ ପ୍ରକ୍ରୀୟା ବର୍ତ୍ତମାନ ସମଗ୍ର ଓଡ଼ିଶାରେ ଆରମ୍ଭ ହୋଇଛି । ସେହିପରି ଉକ୍ତ କାର୍ଡ଼ର ବଣ୍ଟନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିବାର ଖବର ନିୟମିତ ଗଣମାଧ୍ୟମରେ ପ୍ରଚାରିତ ହେଉଛି । ତେବେ ମୟୂରଭଞ୍ଜରେ ଏହି କାର୍ଡ଼ର ବଣ୍ଟନ ପାଇଁ ଚଳିତ ଅକ୍ଟୋବର ୨୨ ତାରିଖ ଶୁକ୍ରବାରକୁ ଦିନ ଧାର୍ଯ୍ୟ କରାଯାଇଥିବା ବେଳେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ଠାରେ ଏହାର ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଖୋଦ ମୁଖ୍ୟମନ୍ତ୍ରୀ ଉକ୍ତ କାର୍ଡ଼ ବଣ୍ଟନ ପାଇଁ ଏଠାକୁ ଆସୁଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ବେଶ ଚଳଚଞ୍ଚଳ ହୋଇ ଉଠିଛନ୍ତି । ଏହାକୁ କେନ୍ଦ୍ର କରି ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ଆଜି ଅକ୍ଟୋବର ୨୧ ତାରିଖ ଗୁରୁବାର ଦିନ ଉଦଳା ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ଆମନ୍ତ୍ରଣ କରି ଏହି କାର୍ଡ଼ ବଣ୍ଟନ କାର୍ଯ୍ୟକୁ ତାଙ୍କୁ ଡ଼କାଯାଇ ନାହିଁ ବୋଲି ପ୍ରକାଶ କରିଥିଲେ । ସରକାରୀ ନିୟମ ଅନୁସାରେ ସ୍ଥାନୀୟ ବିଧାୟକଙ୍କୁ ସବୁ ସରକାରୀ କାର୍ଯ୍ୟରେ ଡ଼ାକିବା କଥା ବୋଲି କହିବା ସହିତ ଏହି କାର୍ଡ଼ ବଣ୍ଟନ କାର୍ଯ୍ୟ ବିଜୁ ଜନତା ଦଳର ଦଳୀୟ କାର୍ଯ୍ୟ ଏବଂ ଏହା ଆଗକୁ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନର ପାର୍ଟୀ ପ୍ରଚାର ପାଇଁ କରାଯାଉଛି ବୋଲି ବ୍ୟକ୍ତ କରିଥିଲେ । ମୟୂରଭଞ୍ଜରେ କାର୍ଯ୍ୟରତ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବାବୁ ମାନେ ବିଜୁ ଜନତା ଦଳର ଜଣେ ଜଣେ କୁଜି ନେତା ବୋଲି ସେ ଚିତ୍ରଣ କରିଥିଲେ । ଶେଷରେ ମୟୂରଭଞ୍ଜର ଉନ୍ନତି ପାଇଁ ମୁଖ୍ୟ ମନ୍ତ୍ରୀ ଆଦୌ ଚାହୁଁ ନାହାଁନ୍ତି । ଏପରିକି ନିଜେ ମୁଖ୍ୟମନ୍ତ୍ରୀ ବିଗତ ନିର୍ବାଚନ ସମୟରେ ଆସି ଶୁଭ ଦେଇଥିବା ଜଇଦା ବ୍ୟାରେଜ କାମ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇ ନାହିଁ । ବିଧାନସଭାରେ ମୟୂରଭଞ୍ଜର ଦାବୀକୁ ମୁଖ୍ୟମନ୍ତ୍ରୀ ଆଦୌ କର୍ଣ୍ଣପାତ କରୁ ନାହାଁନ୍ତି ବୋଲି କହିଥିଲେ । ଏତିକି ବେଳେ ଉପସ୍ଥିତ ସାମ୍ବାଦିକ ମାନେ ଏହାର କାରଣ କଣ ବୋଲି ପ୍ରଶ୍ନ କରିବାରୁ ଉତ୍ତରରେ ସେ କହିଲେ ଜିଲ୍ଲାବାସୀ ମୋଟ ୬ ଜଣ ଭାରତୀୟ ଜନତା ପାର୍ଟିର ବିଧାୟକଙ୍କୁ ଭୋଟ ଦେଇ ଜିତାଇଥିବାରୁ ମୁଖ୍ୟମନ୍ତ୍ରୀ ଏପରି କରୁଥିବାର ସେ ପ୍ରକାଶ କରିଥିଲେ । ତେବେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଜିଲ୍ଲାବାସୀ ଏହାର ଠିକଣା ଜବାବ ଦେବେ ବୋଲି କହି ସାମ୍ବାଦିକ ସମ୍ମିଳନୀର ଯବନିକା ପକାଇଥିଲେ । ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ପୂର୍ବତନ କାଉନସିଲର ପ୍ରଭାତ ପରିଡ଼ା ଓ ମମତା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି ଓ ସଦସ୍ୟା ପ୍ରମିଳା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଲିଙ୍ଗ ନିରୂପଣ ଅଧିନିୟମ ଉପଦେଷ୍ଟା କମିଟି ବୈଠକ

ବାଲେଶ୍ୱର,୨୧/୧୦ (ନି.ପ୍ର): ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ ଅଧିନିୟମ ଅନ୍ତର୍ଗତ ଗଠିତ ଜିଲ୍ଲା ଉପଦେଷ୍ଟା କମିଟିର ବୈଠକ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହି ବୈଠକରେ ଅଧ୍ୟକ୍ଷତା ସହ ଲିଙ୍ଗ ନିରୂପଣ ଅଧିନିୟମର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଅଲଟ୍ରାସାଉଣ୍ଡ ମେସିନ ଏବଂ କ୍ଲିନିକର ପଞ୍ଜୀକରଣ ପାଇଁ ଅନଲାଇନରେ ନୂତନ ଭାବେ ହୋଇଥିବା ଆବେଦନ ଏବଂ ସମ୍ପ୍ରତି କାର୍ଯ୍ୟକ୍ଷମ ଥିବା ଅଲଟ୍ରାସାଉଣ୍ଡ ମେସିନର ନବୀକରଣ ପାଇଁ ହୋଇଥିବା ଆବେଦନ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଜିଲାର ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକରେ ପ୍ରତିମାସ ୯ତାରିଖରେ ଆର୍ଥିକ ଅସ୍ୱଚ୍ଛଳ ବର୍ଗଙ୍କ ପାଇଁ ମାଗଣାରେ ଅଲଟ୍ରାସାଉଣ୍ଡ ପରୀକ୍ଷଣର ପ୍ରାବଧାନ ରହିଥିବା ବେଳେ ଅଧିକାଂଶ ଘରୋଇ କ୍ଲିନିକ୍ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ଏନେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଲଟ୍ରାସାଉଣ୍ଡ ମେସିନ୍ ପାଇଁ ଏଣିକି ନୈଦାନିକ ସ୍ଥାପନ ଅଧିନିୟମ ପ୍ରମାଣପତ୍ର (କ୍ଲିନିକାଲ ଏଷ୍ଟାବ୍ଲିସମେଂଟ ଆକ୍ଟ ସାର୍ଟିଫିକେଟ୍) ପ୍ରଦାନ କରିବା ଜରୁରୀ ହୋଇଥିବା ବେଳେ କିଛି ଅଲଟ୍ରାସାଉଣ୍ଡ କ୍ଲିନିକ୍ ଏ ପର୍ଯ୍ୟନ୍ତ ତାହା ଦେଇନାହାଁନ୍ତି । ତେଣୁ ସେମାନେ ଯେପରି ତୁରନ୍ତ ଏହା ପ୍ରଦାନ କରିବେ ସେ ଦିଗରେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା । ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଏ ବାବଦରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବା ଏବଂ ଆଇନକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ସହିତ ଏହାର ଉଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ଉପସ୍ଥିତ ସଦସ୍ୟ-ସଦସ୍ୟାମାନେ ମତ ରଖିଥିଲେ ।

# ବାଲେଶ୍ୱରରେ ୬୨ତମ ପୁଲିସ ସହିଦ ଦିବସ

ବାଲେଶ୍ୱର,୨୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ପୁଲିସ ପକ୍ଷରୁ ୬୨ତମ ପୁଲିସ ସହିଦ ଦିବସ ସହରର ପୁଲିସ ଲାଇନ ରିଜର୍ଭ ପଡ଼ିଆରେ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ଜୋନ ପୁଲିସ ମହା ନିରୀକ୍ଷକ (ଆଇଜି) ହିମାଂଶୁ ଲାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୫୯ ମସିହାର ଅକ୍ଟୋବର ୨୧ ତାରିଖରେ ଚୀନ୍ ସୈନ୍ୟଙ୍କ ଅତର୍କିତ ଆକ୍ରମଣରେ ଭାରତର ଏକାଳୀନ ୧୧ ଜଣ ସିଆରପିଏଫ ସୈନ୍ୟ ମୃତ୍ୟୁ ବରଣ କରିଥିଲେ। ସ୍ମୃତିରକ୍ଷା ସହ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ୧୯୬୦ ମସିହାଠାରୁ ପ୍ରତିବର୍ଷ ଏହି ଦିନକୁ ସହିଦ ଦିବସ ରୂପେ ପାଳନ କରାଯାଉଥିବା ଶ୍ରୀ ଲାଲ ପ୍ରକାଶ କରିଥିଲେ। ଏହି ଅବସରରେ ବର୍ଷକ ମଧ୍ୟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ମୃତ୍ୟୁ ବରଣ କରିଥିବା କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ସମ୍ପର୍କରେ ସେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଆଇଜି ଶ୍ରୀ ଲାଲ ଓ ଏସପି ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ଜିଲ୍ଲା ପୁଲିସର ବହୁ ବିରଷ୍ଠ ଅଧିକାରୀ ଶହୀଦ୍ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦିବଂଗତ ଆତ୍ମାଙ୍କପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।




# ଜଳନିଷ୍କାସନ ପାଇଁ ବିଡିଓଙ୍କୁ ଦାବି ପତ୍ର



ବାଲିଆପାଳ,୨୧/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଭିକାଗଡିଆ ଗ୍ରାମର ପଶ୍ଚିମ ସାହିରେ ୩୦ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘ ଦିନ ହେଲା ଜଳବନ୍ଦୀ ଜୀବନ ବିତାଉଛନ୍ତି । ରାସ୍ତା ଉପରେ ବର୍ଷାପାଣି ଜମି ରହିବା ଫଳରେ ଲୋକମାନେ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ସେହିପରି ପରିବେଶ ମଧ୍ୟ ଦୂଷିତ ହେଉଥିବାରୁ ଗ୍ରାମବାସୀମାନେ ବିଭିନ୍ନ ରୋଗରେ ପଡୁଛନ୍ତି । ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନ ନ ଥିବାରୁ ଏହି ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି । ଏହାର ସ୍ଥାୟୀ ପ୍ରତିକାର ପାଇଁ ଗ୍ରାମବାସୀ ବାରମ୍ବାର ବାଲିଆପାଳ ବିଡିଓ ସମେତ ବିଭିନ୍ନ ଅଧିକାରୀଙ୍କୁ ଦାବି ପତ୍ର ଦେଇଥିଲେ ମଧ୍ୟ ଏହାର ପ୍ରତିକାର ହୋଇପାରିନାହିଁ । ଆଜି ଗ୍ରାମର ଶାନ୍ତନୁ ମହାପାତ୍ର,ରବୀନ୍ଦ୍ର ବେହେରା, ବିଷ୍ଣୁପଦ ବେହେରା, ଭାନୁଚରଣ ନାଥ,କୁବେର ସାମନ୍ତରାୟ,ମାଧବ ପରିଡା, ପଂଚାନନ ପରିଡା, ମୋହନ ସାମନ୍ତରାୟ, ଗୁଣାକର ବେହେରା ସମେତ ବହୁ ଗ୍ରାମବାସୀ ବାଲିଆପାଳ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ପାଇଁ ଆସିଥିଲେ । ତେବେ ବିଡିଓ ଅନୁପସ୍ଥିତ ଥିବାରୁ ବ୍ଲକ ଅଧକ୍ଷ ବିଜନ କୁମାର ନାୟକଙ୍କୁ ଭେଟି ସେମାନଙ୍କ ସସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ହତ୍ୟା ଘଟଣାରେ ନୀଳଗିରି ଏ.ବି.ଭି.ପି. ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ନୀଳଗିରି,୨୧/୧୦ (ନି.ପ୍ର): କଳାହାଣ୍ଡି ମହାଲିଙ୍ଗ ଠାରେ ସନସାଇନ୍ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ଅତି ଅମାନୁଷିକ ଭାବେ ହତ୍ୟା କରାଯାଇ ପୋଡ଼ି ପୋତି ଦେବା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ବିଦ୍ୟାଳୟର ମାଲିକ ଗୋବିନ୍ଦ ସାହୁ ର ସଂପୃକ୍ତି ଥିବା ନେଇ ତୁରନ୍ତ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ନୀଳଗିର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗୁଣ୍ଡିଚ୍ଚ ମନ୍ଦିର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭରେ ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଯୋଜକ ଲକ୍ଷ୍ମୀନାରାୟଣ ନାୟକ, ସହ ସଂଯୋଜକ ରଜତ କୁମାର ପାତ୍ର, ଜୟନ୍ତ ପ୍ରଧାନ, ନଗର ସଂପାଦକ ଜ୍ୟୋତିପ୍ରକାଶ ବାରିକ, ସହ ସଂପାଦକ ଅରୁଣ ନାୟକ, ଗୋପିବଲ୍ଲଭ ରାଉତ, ଦୁର୍ଗାରଂଜନ ପାଢ଼ୀ, ନିରଂଜନ ଜେନା, ସାଇ ସତ୍ୟପ୍ରକାଶ ପ୍ରଧାନ, ସୁରେଶ ବେହେରା, ଦେବାଶିଷ ସାହୁ, ଅଭିଜିତ୍ ନାୟକ, ତାପସ ଜେନା, ମାନସ ନାୟକ, ସୌମ୍ୟରଂଜନ ପ୍ରଧାନ, ସୁଶୀଲ ରାଉତ, ପ୍ରଦୀପ ଜେନା, ପ୍ରଶାନ୍ତ ବେହେରା, ପ୍ରମୁଖ ସାମିଲ ଥିଲେ ।

# ଅଚଳ ହେଲା ଭଞ୍ଜପୁର ଉପ ଡାକଘର




ବାରିପଦା,୨୧/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ସହରର ଅନ୍ୟତମ ପୁରାତନ ବୃହତ ଡାକଘର ହେଉଛି ଭଞ୍ଜପୁର ଉପ ଡାକଘର। ଏହି ଡାକଘର ଗତ ଆଠ ନଅ ବର୍ଷ ମଧ୍ୟରେ ବହୁ ସମସ୍ୟା ଭିତରକୁ ଠେଲି ହୋଇଯାଇଛି। ପୂର୍ବତନ ପୋଷ୍ଟମାଷ୍ଟରଙ୍କ ଦ୍ୱାରା ଲକ୍ଷଲକ୍ଷ ଟଙ୍କାର ଅର୍ଥ ହେରଫେର ହୋଇଥିବାର ମଧ୍ୟ ନଜିର ରହିଛି। ଡ଼ାକ ବିଭାଗର ଅଧିକାରୀଙ୍କ ସହିତ ସ୍ଥାନିୟ ଅଂଚଳର ବାସିନ୍ଦାଙ୍କ ଇଚ୍ଛାଶକ୍ତି ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁଁ ଦୀର୍ଘ ବର୍ଷର ଏହି ପୁରାତନ ଉପ ଡ଼ାକଘର ବର୍ତ୍ତମାନ ମଧ୍ୟ ଭଡ଼ାଘରେ କାର୍ଯ୍ୟ କରୁଛି । ଏହି ଡାକଘର ବାରିପଦା ମୁଖ୍ୟ ଡାକଘର ଅଧିନରେ କାର୍ଯ୍ୟ କରୁଥିଲେ ମଧ ମୁଖ୍ୟ ଡାକଘର ଭଳି ଏଠାରେ ସମସ୍ତ ଡାକ ସେବା ଉପଲବ୍ଧ ହେଉନାହିଁ। ବାରିପଦାରେ ସମସ୍ତ ଡାକଘର ସାଧାରଣ ଭାବରେ କାର୍ଯ୍ୟ କରିଆସୁଥିଲା ବେଳେ ତା ୧୩/ ୧୦୨୧ ରିଖ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଆଠ ଦିନ ଧରି ଭଞ୍ଜପୁର ଡାକଘରେ ସମ୍ପୂର୍ଣ ଅଚଳାବସ୍ଥା ଲାଗିରହିଛି । ଲିଙ୍କ ଫେଲ ଦର୍ଶାଇ ସମ୍ପୃକ୍ତ ପୋଷ୍ଟମାଷ୍ଟର ପୋଷ୍ଟଅଫିସ କାର୍ଯ୍ୟ ବନ୍ଦ ରଖିଛନ୍ତି । ତା୧୩/ ୧୦ ର ବନ୍ଦ ସହିତ ୧୪, ୧୫ ଦୁଇ ଦିନ ଡାକବିଭାଗର ଛୁଟି ରହୁଥିବା କାରଣରୁ ଭଞ୍ଜପୁର ଡାକଘରର ନିବେଶକାରୀ ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହୋଇଛନ୍ତି । ଇଂଟରନେଟ୍ ବାଧାପ୍ରାପ୍ତ ହେବା ସହିତ ବିଭାଗୀୟ ୱେବ୍‌ସାଇଟ୍‌ରୁ ସମ୍ପର୍କ ବିଚ୍ଛିନ୍ନ ହେବା ଏଠାକାର ନିତିଦିନିଆ ଘଟଣା । ଏହାଛଡ଼ା ପୋଷ୍ଟ ଅଫିସରେ ସବୁଠାରୁ ବଡ଼ ସମସ୍ୟା ହେଲା କର୍ମଚାରୀଙ୍କ ଅଭାବ। ବର୍ତ୍ତମାନ ଏଠାରେ ଦୁଇ ଜଣ ଏବିପିଏମ ତଥା ପେକାର୍ ମ୍ୟାନ ଏବଂ ମେଲ୍ କ୍ୟାରିଆର୍‌ଙ୍କୁ ନେଇ ପୋଷ୍ଟମାଷ୍ଟର କିମ୍ବା ପୋଷ୍ଟମାଷ୍ଟର ଦାୟୀତ୍ୱରେ ଥିବା ଜଣେ ମାତ୍ର କର୍ମଚାରୀ ପୋଷ୍ଟଅଫିସ୍ ଚଳାଉଛନ୍ତି । ସ୍ଥାନୀୟ ଅଂଚଳରେ ଏଥିନେଇ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ, ଏଠାକାର ବାସିନ୍ଦା ଏହି ଡାକଘରେ କାରବାର ନକରି ଅନ୍ୟ ପୋଷ୍ଟଅଫିସ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ମୟୂରଭଞ୍ଜ ଡିଭିଜନର ସୁପରିଟେଣ୍ଡେଟ ଏଥିପ୍ରତି ଦୃଷ୍ଟି ଦେଉନଥିବାର ଶୁଣିବାକୁ ମିଳୁଥିଲା ବେଳେ କର୍ମଚାରୀଙ୍କ ଅଭାବ ଏବଂ ଦାୟିତ୍ୱରେ ଥିବା ପୋଷ୍ଟମାଷ୍ଟରଙ୍କ କାର୍ଯ୍ୟଦକ୍ଷତା ମୁଖ୍ୟ ସମସ୍ୟା ହୋଇଥିବା ମୟୂରଭଞ୍ଜ ଡିଭିଜନର ଅଧିକାରୀ ତଥା ସୁପରିଟେଣ୍ଡେଟଙ୍କ କାର୍ଯ୍ୟାଳୟରେ ଚର୍ଚ୍ଚା ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo